56.କେଉଁ ଯୋଡାଟି ଅଲଗା ?

A. ବ୍ରହ୍ମା - ପଦ୍ମବାସା

B. ପୃଥିବୀ - ଜଗତ

C. ଝରଣା - କଲ୍ଲୋଳିନୀ

D. ପତ୍ର - ପଲ୍ଲବ

Answer-D

57.“ ସମସ୍ତେ ସୁରଭିକୁ ଶ୍ରଦ୍ଧା କରନ୍ତି।” ଭାବସୂଚକ ଦୃଷ୍ଟିରୁ ବାକ୍ୟଟି କେଉଁ ଶ୍ରେଣୀର ସୂଚାଅ ?

A. ଆଦେଶ ସୂଚକ

B. ବିବୃତି ସୂଚକ

C. ବିସ୍ମୟ ସୂଚକ

D. ପ୍ରଶ୍ନ ସୂଚକ

Answer-B

MAY 15

58.ସକାଳେ କାମ ଆରମ୍ଭ ହୁଏ । – ରେଖାଙ୍କିତ ପଦଟି କେଉଁ କାରକ ଅଟେ ?

A. କରଣ

B. ସଂପ୍ରଦାନ

C. ଅପାଦାନ

D. ଅଧିକରଣ

Answer-D

60.ମହୁମାଛି …….. ହୋଇ ଗୀତ ଗାଏ ।

A. ଗଣଗଣ

B. ଗୁଡୁଗୁଡୁ

C. ଗୁଣୁଗୁଣୁ

D. ରୁଣୁଝୁଣୁ

Answer-C

61.ଦ୍ୱିରୁକ୍ତି ଶବ୍ଦଟିକୁ ବାଛି ଲେଖ ।

A. କାନେକାନେ

B. ପିଟାପିଟି

C. ଲଗାଲଗି

D. ହଣାହଣି

Answer-A

62.‘ଟିକେଟ୍’ କେଉଁ ଭାଷାର ଶବ୍ଦ ଅଟେ ?

A. ତୁର୍କୀ

B. ପର୍ତ୍ତୁଗୀଜ

C. ଇଂରାଜୀ

D. ଯାବନିକ

Answer-C

63.‘ଜନକ’ ର ସ୍ତ୍ରୀଲିଙ୍ଗ ରୂପଟି କ’ଣ ?

A. ଜାନକୀ

B. ଜାନ୍‌କୀ

C. ଜ୍ଞାନକିନୀ

D. ଜନନୀ

Answer-D

64.ବାକ୍ୟର ସର୍ବନିମ୍ନ ଏକକକୁ କ’ଣ କହନ୍ତି ?

A. ବର୍ଣ୍ଣ

B. ଲିପି

C. ପଦ

D. ଶବ୍ଦ

Answer-A

65.ବାକ୍ୟରେ ‘ନ’ କେଉଁଠାରେ ବସେ ?

A. କ୍ରିୟାପଦ ପୂର୍ବରୁ

B. କ୍ରିୟାପଦ ପରେ

C. ବାକ୍ୟ ଶେଷରେ

D. ବାକ୍ୟ ଆରମ୍ଭରେ

Answer-A

66 .ଉଭୟ ପଦର ଅର୍ଥର ପ୍ରାଧାନ୍ୟ ରହିଲେ ବି ସମାସ ହୁଏ |

A. ଦ୍ୱିଗୁ

B. ବହୁବ୍ରୀହି

C. ଦ୍ୱନ୍ଦ୍ୱ

D. କର୍ମଧାରୟ

Answer-C

6. ବିସର୍ଗ ପରେ ‘ତ’ ଥିଲେ ବିସର୍ଗ ସ୍ଥାନରେ କ’ଣ ?

A. ଶ

B. ଷ୍ଟ

C. ସ

D. ଥ

Answer-C

68. ପରୀକ୍ଷା – ସନ୍ଧି ବିଚ୍ଛେଦ କଲେ କ’ଣ ହେବ ?

A. ପରୀ+କ୍ଷକ୍ଷା

B. ପରୀ + ଈକ୍ଷା

C. ପରି + ଈକ୍ଷା

D. ପରି + ଇକ୍ଷା

Answer-C

69. ଠିକ୍ ବାକ୍ୟଟିକୁ ଚିହ୍ନାଇ ଦିଅ ?

A. କିମୃତବାହନ କଥା ମୁଁ ପିଲାଦିନରୁ ଜାଣେ ।

B. ଜୀମୂତବାହାନ କଥା ମୁଁ ପିଲାଦିନରୁ ଜାଣେ ।

C. ଜୀମୂତବାହନ କଥା ମୁଁ ପିଲାଦିନରୁ ଜାଣେ ।

D. ଜୀମୁତବାହନ କଥା ମୁଁ ପିଲାଦିନରୁ ଜାଣେ ।

Answer-C

70. 'ମାତ୍ରା' କାହାକୁ କହନ୍ତି ?

A. ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକର ସାଙ୍କେତିକ ରୂପ

B. ସ୍ୱରବର୍ଣ୍ଣଗୁଡ଼ିକର ସାଙ୍କେତିକ ରୂପ

C. ବର୍ଗ୍ୟ ବ୍ୟଞ୍ଜନର ସାଙ୍କେତିକ ରୂପ

D. ଅବର୍ଗ୍ୟ ବ୍ୟଞ୍ଜନର ସାଙ୍କେତିକ ରୂପ

Answer-B

71. 'ଲେଖନୀ' ଏକ କି ପ୍ରକାର ଶବ୍ଦ ?

A. ଯୌଗିକ

B. ଯୋଗରୂଢ଼

C. ରୂଢ

D. ମୌଳିକ

Answer-B

72. ନିମ୍ନଲିଖିତ ମଧ୍ୟରୁ କେଉଁଟିରେ ସାଦୃଶ୍ୟ ଅର୍ଥରେ 'ଇଆ' ପ୍ରତ୍ୟୟ ହୋଇ ନାହିଁ

A. ଚାଉଳିଆ

B. ବାଇଗଣିଆ

C. ସୋରିଷିଆ

D. ମୁନିଆ

Answer-D

72. ବାକ୍ୟରେ ସଂବୋଧନ ପଦ କେଉଁଠାରେ ରଖାଯାଏ ?

A. କେବଳ ଆରମ୍ଭରେ

B. କେବଳ ଶେଷରେ

C. ଆରମ୍ଭରେ ବା ଶେଷରେ

D. ରଖାଯାଏ ନାହିଁ

Answer-C

73 .'ଗୀର୍ଜ୍ଜା' 'ପାଦ୍ରି' – ଏହା କେଉଁ ଭାଷାର ଶବ୍ଦ ଅଟେ ?

A. ପାରସିକ

B. ପର୍ତ୍ତୁଗୀଜ

C. ଯାବନିକ

D. ଇଂରାଜୀ

Answer-B

74. ବାକ୍ୟାଂଶ କ'ଣ ?

A. ବାକ୍ୟାଂଶ ଗୋଟିଏ ପଦ ହୋଇପାରେ

B. ବାକ୍ୟାଂଶ ଏକାଧିକ ପଦ ହୋଇପାରେ

C. ବାକ୍ୟାଂଶରେ ସମାପିକା କ୍ରିୟା ଥାଇପାରେ

D. ବାକ୍ୟାଂଶ ବାକ୍ୟର ଗୋଟିଏ ଅଂଶ କିନ୍ତୁ ପୂର୍ଣ୍ଣ ମନୋଭାବ ପ୍ରକାଶ କରେ ନାହିଁ

Answer-D

75. ଧୂମପାନ କରନାହିଁ – ଏହା କି ପ୍ରକାର ବାକ୍ୟ ?

A. ବିସ୍ମୟସୂଚକ

B. ପ୍ରଶ୍ନସୂଚକ

C. ଆଦେଶାତ୍ମକ

D. ବିବୃତିସୂଚକ

Answer-C

76. ହରି ଜେଣ <u>ଲୋଭଶୂନ୍ୟ</u> ମଣିଷ । ---ରେଖାଙ୍କିତ ପଦ ସ୍ଥାନରେ ସମାନ ଅର୍ଥବୋଧକ ବିସର୍ଗ ସନ୍ଧିଜନିତ ପଦ କ'ଣ ହେବ ?

A. ନିର୍ଲୋଭ

B. ନିଃଲୋଭ

C. ନିଃର୍ଲୋଭ

D. ନିର୍ଲୋଭ

Answer-A , D

77. ଠିକ୍ ଶବ୍ଦଟି ଦର୍ଶାଅ ?

A. ବିଦ୍ୟୁତାଲୋକ

B. ବିଦ୍ୟୁଦାଲୋକ

C. ବିଦୂଦାଲୋକ

D. ବିଦ୍ଯୁଦାଲୋକ

Answer-B

78. 'ମହେନ୍ଦ୍ର' ଶବ୍ଦର ସନ୍ଧି ବିଚ୍ଛେଦ କର ।

A. ମହା + ଇନ୍ଦ୍ର

B. ମହ + ଇନ୍ଦ୍ର

C. ମହତ୍ + ଇନ୍ଦ୍ର

D. ମହାନ୍ + ଇନ୍ଦ୍ର

Answer-A

79. ନିମ୍ନଲିଖିତ ସମସ୍ତ ପଦ ଭିତରୁ କେଉଁଟି ଭିନ୍ନ ?

A. ଉପବନ

B. ପ୍ରତିମୂର୍ତ୍ତି

C. ବିପକ୍ଷ

D. କୃଷ୍ଣସର୍ପ

Answer-D

80. ସମାସ ବାକ୍ୟ ନଥାଇ ସମାସ ହେଲେ ତାକୁ କି ସମାସ କହନ୍ତି ?

A. ନଞ୍ଜ ତତ୍‌ପୁରୁଷ

B. ନିତ୍ୟ

C. ବହୁବ୍ରୀହି

D. ଦ୍ୱିଗୁ

Answer-B

81. 'ଗଧ' ର ତତ୍‌ସମ ରୂପଟି କ'ଣ ?

A. ଘୋଟକ

B. ଗର୍ଦ୍ଦଭ

C. ଗାଭୀ

D. ଗର୍ଦ୍ଧଭ

Answer-B

82. କେଉଁଟି ତତ୍ସମ ଶବ୍ଦ ନୁହେଁ ?

A. ନଦୀ

B. ପର୍ବତ

C. ଘିଅ

D. ସଂସାର

Answer-C

MAY 19

'ସମାସ'ର ବିପରୀତ ଶବ୍ଦ କ'ଣ ?

A. ଅସମାସ

B. କୁସମାସ

C. ସସମାସ

D. ବ୍ୟାସ

Answer-D

'କୃତଘ୍ନ' କାହାର ବିପରୀତ ଶବ୍ଦ ?

A. ଅକୃତଜ୍ଞ

B. ସୁକୃତଜ୍ଞ

C. କୃତଜ୍ଞ

D. ନିକୃତଜ୍ଞ

Answer-C

ସିଂହ <u>ପଶୁମାନଙ୍କର ରାଜା</u> । ରେଖାଙ୍କିତ ପଦଟି କେଉଁ ଅର୍ଥରେ ୬ଷ୍ଠୀ ବିଭକ୍ତି ହୋଇଛି ?

A. ବ୍ୟାପ୍ତି ଶବ୍ଦ ଯୋଗେ

B. ନିର୍ଦ୍ଧାରଣ ଯୋଗେ

C. ନିମିତ୍ତାର୍ଥ ଶବ୍ଦ ଯୋଗେ

D. ସାହାର୍ଥରେ

Answer-B

' ସୁନାମୁଦି' ଏହାର ସମାସଟି କ'ଣ ?

A. ଉପମିତ କର୍ମଧାରୟ

B. ମଧ୍ୟପଦଲୋପୀ କର୍ମଧାରୟ

C. ରୂପକ କର୍ମଧାରୟ

D. ଉପମାନ କର୍ମଧାରୟ

Answer-B

ଲୋକଟି ଅନ୍ୟଦେଶକୁ ଚାଲିଗଲା । ରେଖାଙ୍କିତ ପଦ ପାଇଁ ନିମ୍ନରୁ ଠିକ୍ ସମସ୍ତପଦଟି ବାଛି ଲେଖ ।

A. ଆର ଦେଶ

B. ପର ଦେଶ

C. ଦେଶାନ୍ତର

D. ବାହାର ଦେଶ

Answer-C

କେଉଁଟି 'ପୃଥିବୀ'ର ପ୍ରତିଶବ୍ଦ ନୁହେଁ ?

A. ମେଦିନୀ

B. ବସୁମତୀ

C. ବଧୂ

D. ଧରା

Answer-C

'ନିଜ ଦୋଷରୁ ପ୍ରାଣୀ କଷ୍ଟ ପାଏ' – ଏଠାରେ କେଉଁ କାରଣରୁ ୫ମୀ ବିଭକ୍ତି ହୋଇଛି ?

A. ଅପାଦାନ କାରକରେ

B. ହେତୁ ଅର୍ଥରେ

C. ଅସମାପିକା କ୍ରିୟା ଲୋପରେ

D. ଉତ୍କର୍ଷ ବା ଅପକର୍ଷ ବୁଝାଇଲେ

Answer-B

'ତ' ବା 'ଦ' ପରେ 'ହ' ଥିଲେ ଦୁହେଁ ମିଶି କ'ଣ ହୁଅନ୍ତି ?

A. 'ଦ୍ଧ'

B. 'ଦ'

C. 'ଧ'

D. 'ହ '

Answer-A

କେଉଁଟି ଶୁଦ୍ଧ ଅଟେ

A. ପ୍ରତ୍ୟକ,ସୂର୍ଯ୍ୟପରାଗ

B. ଗୃହିତ,ଅଧୀନସ୍ଥ

C. ଋଣଗ୍ରସ୍ତ,ଶତୃଘ୍ନ

D. ପୂଜାସ୍ପଦ, ଅପଦସ୍ଥ

Answer-D

'ନୀରବ' – ସନ୍ଧିବିଚ୍ଛେଦ କଲେ କ'ଣ ହେବ ?

A. ନିର + ବ

B. ନିଃ + ରବ

C. ନୀର+ଅବ

D. ନି + ଅରବ

Answer-B

ନିଶ + ଉଆ = ନିଶୁଆ । 'ଉଆ' ପ୍ରତ୍ୟୟ କେଉଁ ଅର୍ଥରେ କରା ହୋଇଛି ।

A. ତୁଲ୍ୟ ଅର୍ଥରେ

B. ଅଭ୍ୟାସ ଅର୍ଥରେ

C. ଅଛି ଅର୍ଥରେ

D. ଜାତ ଅର୍ଥରେ

Answer-C

ମଶାକୁ ଧୂଆଁ ଦିଅ ।

(ରେଖାଙ୍କିତ ପଦର ସକାରଣ ବିଭକ୍ତି ନିର୍ଣ୍ଣୟ କର ।

A. ନିମିତ୍ତାର୍ଥେ ୪ ର୍ଥୀ

B. ଦାନାର୍ଥେ ୪ ର୍ଥୀ

C. ସମ୍ପ୍ରଦାନେ ୪ ର୍ଥୀ

D. ନିବାରଣାର୍ଥେ ୪ର୍ଥୀ

Answer-D

ମୂର୍ତ୍ତବାଚକ ବିଶେଷ୍ୟ କାହାକୁ କୁହାଯାଏ ?

A. ଯେଉଁ ବିଶେଷ୍ୟଗୁଡ଼ିକୁ ଦେଖି ହୁଏ ନାହିଁ

B. ଯେଉଁ ବିଶେଷ୍ୟଗୁଡ଼ିକୁ ଭାବି ହୁଏ

C. ଯେଉଁ ବିଶେଷ୍ୟଗୁଡ଼ିକୁ ଦେଖିହୁଏ

D. କୌଣସିଟି ନୁହେଁ

Answer-C

ଢୋକେ ପି ଦଣ୍ଡେ ଜୀ ଅବସ୍ଥା ଆମର କେବେ ଯିବ ? – ରେଖାଙ୍କିତ ପଦଗୁଡ଼ିକ କେଉଁ ପ୍ରକାରର ବିଶେଷଣ ?

A. ପୂରଣବାଚକ

B. ଗୁଣବାଚକ

C. ପରିମାଣବାଚକ

D. ସଂଖ୍ୟାବାଚକ

Answer-C

ଛଣ ଘର ଟାଇଲ ଘର ଠାରୁ ଥଣ୍ଡା ରେଖାଙ୍କିତ ପଦଦ୍ୱୟ କେଉଁଧରଣର ବିଶେଷଣ ?

A. ବିଶେଷ୍ୟରୂପୀ ବିଶେଷଣ

B. ବିଶେଷ୍ୟଣ ବିଶେଷଣ

C. ବିଶେଷଣର ବିଶେଷଣ

D. କ୍ରିୟା ବିଶେଷଣ

Answer-A

ବୃହତ୍ + ଝଟିକା ସନ୍ଧି କର ।

A. ବହୃଜ୍ଝଟିକା

B. ବୃହଟ୍ଟିକା

C. ବୃହଜ୍ଝଟିକା

D. ବୃହଜ୍ଟିକା

Answer-C

ଅଭ୍ୟାସ ଅର୍ଥରେ ଉଆ ପ୍ରତ୍ୟୟ କେଉଁଟି ?

A. ମଡୁଆ

B. ବଲୁଆ

C. ନାଟୁଆ

D. ଗାଡୁଆ

Answer-A

___ର ବେକ ବଢ଼ିଲେ_____ ର ବିପତ୍ତି ।

A. ଜିରାଫ, ଗଛ

B. ବଗ, ମୀନ

C. ଓଟ, ପାଣି

D. ଛେଳି, ଡାଳ

Answer-B

ସମୂହ ଅର୍ଥରେ 'ଆଳି' ପ୍ରତ୍ୟୟ କେଉଁଟି ?

A. ରନ୍ଧାଳି
B. ଦୀପାଳି
C. ଖେଳାଳି
D. ଚଇତାଳି

Answer-B

କେଉଁଟି ଶୁଦ୍ଧ ଅଟେ

A. ନେହା ଆକଣ୍ଠ ପର୍ଯ୍ୟନ୍ତ ଭୋଜନ କରି ବ୍ରତ ପାଳନ କରିଛି
B. ରାଜ୍ୟର ଉନ୍ନତି ପାଇଁ ସରକାର ବଡ ବଡ ଯୋଜନାମାନ କରିବାକୁ ଲକ୍ଷ ରଖିଛନ୍ତି
C. ଆତଙ୍କବାଦ ବିରୋଧରେ ନରମ ମନଭାବ ପୋଷଣ କରିବା ଉଚିତ ନୁହଁ
D. ପ୍ରଧାନ ଶିକ୍ଷୟିତ୍ରୀ ପଢାଉଛନ୍ତି

Answer-D

'ଯୋଗୀ' କାହାର ବିପରୀତ ଶବ୍ଦ ?

A. ରୋଗୀ
B. ନିରୋଗୀ
C. ଭୋଗୀ
D. ସଂଯୋଗୀ

Answer-C

ମାଗି ଆଣିଲା ତିଅଣ ହାପୁରାଏ – ଏହା କେଉଁ ଅର୍ଥକୁ ପ୍ରକାଶ କରେ ?

A. କ୍ଷଣସ୍ଥାୟୀ
B. ଶକ୍ତିଶାଳୀ
C. ସୁଆଦିଆ
D. ଆମୋଦପ୍ରମୋଦ

Answer-A

କେଉଁଟି ଜଳର ପ୍ରତିଶବ୍ଦ ନୁହେଁ ?

A. ସଲିଳ
B. ଅମ୍ବୁ
C. ଉଦକ
D. ନକ୍ତ

Answer-D

କେଉଁଟି ବ୍ରହ୍ମାଣ୍ଡର ପ୍ରତିଶବ୍ଦ ନୁହେଁ ?

A. ଅନ୍ତରୀକ୍ଷ
B. ଜଗତ
C. ଭୁବନ
D. ବିଶ୍ୱ

Answer-A

'ଭୂଗୋଳ'ର ବିପରୀତ ଶବ୍ଦ କ'ଣ ?

A. ସୁଗୋଳ
B. ଖଗୋଳ
C. କଗୋଳ
D. ଅଗୋଳ

Answer-B

କେଉଁଟି ସିଂହର ପ୍ରତିଶବ୍ଦ ?

A. ହର୍ଯ୍ୟକ୍ଷ
B. ଭୂଧର
C. ଉତ୍ପଳ
D. ଶିଖରୀ

Answer-A

କେଉଁଟି ଅଗ୍ନିର ପ୍ରତିଶବ୍ଦ ନୁହେଁ ?

A. ଆଗାର
B. ବୃହଦ୍‌ଭାନୁ
C. ଚିତ୍ରଭାନୁ
D. ସପ୍ତଜିହ୍ୱା

Answer-A

ODIA MARATHON MAY 19

1. 'ସମାସ'ର ବିପରୀତ ଶବ୍ଦ କ'ଣ ?

A. ଅସମାସ

B. କୁସମାସ

C. ସସମାସ

D. ବ୍ୟାସ

Answer-D

2. 'କୃତଘ୍ନ' କାହାର ବିପରୀତ ଶବ୍ଦ ?

A. ଅକୃତଜ୍ଞ

B. ସୁକୃତଜ୍ଞ

C. କୃତଜ୍ଞ

D. ନିକୃତଜ୍ଞ

Answer-C

3. ସିଂହ <u>ପଶୁମାନଙ୍କର ରାଜା</u> । ରେଖାଙ୍କିତ ପଦଟି କେଉଁ ଅର୍ଥରେ ଷଷ୍ଠୀ ବିଭକ୍ତି ହୋଇଛି ?

A. ବ୍ୟାପ୍ତି ଶବ୍ଦ ଯୋଗେ

B. ନିର୍ଦ୍ଧାରଣ ଯୋଗେ

C. ନିମିତ୍ତାର୍ଥ ଶବ୍ଦ ଯୋଗେ

D. ସାହାର୍ଥରେ

Answer-B

4. ' ସୁନାମୁଦି' ଏହାର ସମାସଟି କ'ଣ ?

A. ଉପମିତ କର୍ମଧାରୟ

B. ମଧ୍ୟପଦଲୋପୀ କର୍ମଧାରୟ

C. ରୂପକ କର୍ମଧାରୟ

D. ଉପମାନ କର୍ମଧାରୟ

Answer-B

5. ଲୋକଟି ଅନ୍ୟଦେଶକୁ ଚାଲିଗଲା । ରେଖାଙ୍କିତ ପଦ ପାଇଁ ନିମ୍ନରୁ ଠିକ୍ ସମଷ୍ଟପଦଟି ବାଛି ଲେଖ ।

A. ଆର ଦେଶ

B. ପର ଦେଶ

C. ଦେଶାନ୍ତର

D. ବାହାର ଦେଶ

Answer-C

6. କେଉଁଟି 'ପୃଥିବୀ'ର ପ୍ରତିଶବ୍ଦ ନୁହେଁ ?

A. ମେଦିନୀ

B. ବସୁମତୀ

C. ବଧୂ

D. ଧରା

Answer-C

7. 'ନିଜ ଦୋଷରୁ ପ୍ରାଣୀ କଷ୍ଟ ପାଏ' – ଏଠାରେ କେଉଁ କାରଣରୁ ୫ମୀ ବିଭକ୍ତି ହୋଇଛି ?

A. ଅପାଦାନ କାରକରେ

B. ହେତୁ ଅର୍ଥରେ

C. ଅସମାପିକା କ୍ରିୟା ଲୋପରେ

D. ଉତ୍କର୍ଷ ବା ଅପକର୍ଷ ବୁଝାଇଲେ

Answer-B

8. 'ତ' ବା 'ଦ' ପରେ 'ହ' ଥିଲେ ଦୁହେଁ ମିଶି କ'ଣ ହୁଅନ୍ତି ?

A. 'ଦ୍ଧ'

B. 'ଦ'

C. 'ଧ'

D. 'ହ୍ '

Answer-A

9. କେଉଁଟି ଶୁଦ୍ଧ ଅଟେ

A. ପ୍ରତ୍ୟକ,ସୂର୍ଯ୍ୟପରାଗ

B. ଗୃହିତ,ଅଧୀନସ୍ଥ

C. ଋଣଗ୍ରସ୍ତ,ଶତଘ୍ନ

D. ପୂଜାସ୍ପଦ, ଅପଦସ୍ଥ

Answer-D

10. 'ନୀରବ' – ସନ୍ଧିବିଚ୍ଛେଦ କଲେ କ'ଣ ହେବ ?

A. ନିର + ବ

B. ନିଃ + ରବ

C. ନୀର+ଅବ

D. ନି + ଅରବ

Answer-B

11. ନିଶ + ଉଆ = ନିଶୁଆ । 'ଉଆ' ପ୍ରତ୍ୟୟ କେଉଁ ଅର୍ଥରେ କରା ହୋଇଛି ।

A. ତୁଲ୍ୟ ଅର୍ଥରେ

B. ଅଭ୍ୟାସ ଅର୍ଥରେ

C. ଅଛି ଅର୍ଥରେ

D. ଜାତ ଅର୍ଥରେ

Answer-C

12. <u>ମଶାକୁ</u> ଧୂଆଁ ଦିଅ ।

(ରେଖାଙ୍କିତ ପଦର ସକାରଣ ବିଭକ୍ତି ନିର୍ଣ୍ଣୟ କର ।

A. ନିମିତ୍ତାର୍ଥେ ୪ ର୍ଥୀ

B. ଦାନାର୍ଥେ ୪ ର୍ଥୀ

C. ସମ୍ପ୍ରଦାନେ ୪ ର୍ଥୀ

D. ନିବାରଣାର୍ଥେ ୪ର୍ଥୀ

Answer-D

13. ମୂର୍ତ୍ତବାଚକ ବିଶେଷ୍ୟ କାହାକୁ କୁହାଯାଏ ?

A. ଯେଉଁ ବିଶେଷ୍ୟଗୁଡ଼ିକୁ ଦେଖି ହୁଏ ନାହିଁ

B. ଯେଉଁ ବିଶେଷ୍ୟଗୁଡ଼ିକୁ ଭାବି ହୁଏ

C. ଯେଉଁ ବିଶେଷ୍ୟଗୁଡ଼ିକୁ ଦେଖିହୁଏ

D. କୌଣସିଟି ନୁହେଁ

Answer-C

Subhasis Sir

14. ଢୋକେ ପି ଦଣ୍ଡେ ଜୀ ଅବସ୍ଥା ଆମର କେବେ ଯିବ ? – ରେଖାଙ୍କିତ ପଦଗୁଡ଼ିକ କେଉଁ ପ୍ରକାରର ବିଶେଷଣ ?

A. ପୂରଣବାଚକ
B. ଗୁଣବାଚକ
C. ପରିମାଣବାଚକ
D. ସଂଖ୍ୟାବାଚକ

Answer-C

15. ଛଣ ଘର ଟାଇଲ ଘର ଠାରୁ ଥଣ୍ଡା ରେଖାଙ୍କିତ ପଦଦ୍ୱୟ କେଉଁଧରଣର ବିଶେଷଣ ?

A. ବିଶେଷ୍ୟରୂପୀ ବିଶେଷଣ
B. ବିଶେଷ୍ୟଣ ବିଶେଷଣ
C. ବିଶେଷଣର ବିଶେଷଣ
D. କ୍ରିୟା ବିଶେଷଣ

Answer-A

16. ବୃହତ୍ + ଝଟିକା ସନ୍ଧି କର ।

A. ବହୃଜ୍ଝଟିକା
B. ବୃହଟ୍ଟିକା
C. ବୃହଜ୍ଝଟିକା
D. ବୃହଜ୍ଟିକା

Answer-C

17. ଅଭ୍ୟାସ ଅର୍ଥରେ ଉଆ ପ୍ରତ୍ୟୟ କେଉଁଟି ?

A. ମଡୁଆ
B. ବଳୁଆ
C. ନାଚୁଆ
D. ଗାଡୁଆ

Answer-A

18. ___ର ବେକ ବଢ଼ିଲେ_____ ର ବିପତ୍ତି ।

A. ଜିରାଫ, ଗଛ
B. ବଗ, ମୀନ
C. ଓଟ, ପାଣି
D. ଛେଳି, ଡାଳ

Answer-B

19. ସମୂହ ଅର୍ଥରେ 'ଆଳି' ପ୍ରତ୍ୟୟ କେଉଁଟି ?

A. ରନ୍ଧାଳି
B. ଦୀପାଳି
C. ଖେଳାଳି
D. ଚଇତାଳି

Answer-B

20. କେଉଁଟି ଶୁଦ୍ଧ ଅଟେ

A. ନେହା ଆକଣ୍ଠ ପର୍ଯ୍ୟନ୍ତ ଭୋଜନ କରି ବ୍ରତ ପାଳନ କରିଛି
B. ରାଜ୍ୟର ଉନ୍ନତି ପାଇଁ ସରକାର ବଡ ବଡ ଯୋଜନାମାନ କରିବାକୁ ଲକ୍ଷ ରଖିଛନ୍ତି
C. ଆତଙ୍କବାଦ ବିରୋଧରେ ନରମ ମନଭାବ ପୋଷଣ କରିବା ଉଚିତ ନୁହଁ
D. ପ୍ରଧାନ ଶିକ୍ଷୟିତ୍ରୀ ପଢାଉଛନ୍ତି

Answer-D

21. 'ଯୋଗୀ' କାହାର ବିପରୀତ ଶବ୍ଦ ?

A. ରୋଗୀ
B. ନିରୋଗୀ
C. ଭୋଗୀ
D. ସଂଯୋଗୀ

Answer-C

22. ମାଗି ଆଣିଲା ତିଅଣ ହାପୁରାଏ – ଏହା କେଉଁ ଅର୍ଥକୁ ପ୍ରକାଶ କରେ ?

A. କ୍ଷଣସ୍ଥାୟୀ
B. ଶକ୍ତିଶାଳୀ
C. ସୁଆଦିଆ
D. ଆମୋଦପ୍ରମୋଦ

Answer-A

23. କେଉଁଟି ଜଳର ପ୍ରତିଶବ୍ଦ ନୁହେଁ ?

A. ସଲିଳ
B. ଅମ୍ବୁ
C. ଉଦକ
D. ନକ୍ତ

Answer-D

24. କେଉଁଟି ବ୍ରହ୍ମାଣ୍ଡର ପ୍ରତିଶବ୍ଦ ନୁହେଁ ?

A. ଅନ୍ତରୀକ୍ଷ
B. ଜଗତ
C. ଭୁବନ
D. ବିଶ୍ୱ

Answer-A

25. 'ଭୂଗୋଳ'ର ବିପରୀତ ଶବ୍ଦ କ'ଣ ?

A. ସୁଗୋଳ
B. ଖଗୋଳ
C. କଗୋଳ
D. ଅଗୋଳ

Answer-B

26. କେଉଁଟି ସିଂହର ପ୍ରତିଶବ୍ଦ ?

A. ହର୍ଯ୍ୟକ୍ଷ
B. ଭୂଧର
C. ଉତ୍ପଳ
D. ଶିଖରୀ

Answer-A

Subhasis Sir

27. କେଉଁଟି ଅଗ୍ନିର ପ୍ରତିଶବ୍ଦ ନୁହେଁ ?

A. ଆଗାର
B. ବୃହଦ୍‌ଭାନୁ
C. ଚିତ୍ରଭାନୁ
D. ସପ୍ତଜିହ୍ୱା

Answer-A

ODIA MARATHON MAY 21

28. କପାଳ ଲିଖନ - _____ ପ୍ରକାରର ରୂଢି ?

A. ତୁଳନାତ୍ମକ ରୂଢି
B. କ୍ରିୟା ନ ଥିବା ରୂଢି
C. କ୍ରିୟହୀନ
D. କ୍ରିୟାଯୁକ୍ତ

Answer-C

29. ଯେଉଁ ପଦଗୁଡିକର ମିଶ୍ରଣରେ ସମଷ୍ଟପଦ ଗଠିତ ହୁଏ, ସେହିପଦଗୁଡିକ କି ପଦ କୁହାଯଏ ?

A. ସମଷ୍ଟପଦ
B. ବ୍ୟାସ ବାକ୍ୟ
C. ପୂର୍ବ ପଦ
D. ସମସ୍ୟମାନ ପଦ

Answer-D

30. କେଉଁ ସମାସରେ 'ଅକ୍ଷି' ଶ ଶବ୍ଦ ସମଷ୍ଟପଦରେ 'ଅକ୍ଷ' ରେ ପରିଣତ ହୁଏ ?

A. ଅବୟୀଭାବ
B. ଉପପଦତତ୍
C. ଅଲୁକ୍
D. ବହୁବ୍ରୀହି

Answer-D

31. କେଉଁ ସମାସରେ 'ଅକ୍ଷି' ଶ ଶବ୍ଦ ସମଷ୍ଟପଦରେ 'ଅକ୍ଷ' ରେ ପରିଣତ ହୁଏ ?

A. ଅବୟୀଭାବ
B. ଉପପଦତତ୍
C. ଅଲୁକ୍
D. ବହୁବ୍ରୀହି

Answer-D

32. କେଉଁଟି ତଦ୍‌ଭବ ଶବ୍ଦ ନୁହେଁ ବାଛି ଲେଖ ।

A. ଗଧ
B. ଘୋଡା
C. ଆକାଶ
D. ନଈ

Answer-C

33. ଆଖି ଆଗରେ ରଖିବା " ରୂଢି ର ଅର୍ଥ କ'ଣ ?

A. ଯତ୍ନ ନେବା
B. ଆଗ ଆଡରୁ ଦେଖିବା
C. ଲକ୍ଷ୍ୟ ରଖିବା
D. ଦେଖିବା

Answer-C

ଆଖି ଛୁଇଁବା	ଆଖି ପାଣି ଆଖିରେ ମାରିବା
ଆଖି ଖୋଲିଦେବା	ଆଖିକି ପାଇବା
ଆଖି ଦେଖାଇବା	ଆଖିକି ନ ପାଇବା
ଆଖି ପକାଇବା	ଆଖି ବୁଜିବା
ଆଖି ମାରିବା	ଆଖି ବୁଲାଇବା

34. 'ଅ' ବା 'ଆ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି କ'ଣ ହୁଅନ୍ତି ?

A. ଏ
B. ଓ
C. ଆ
D. ଈ

Answer-B

35. କେଉଁଟି ଅଲଗା ବାଛ

A. କୃପଣ – ଦାନ
B. ଧାନ – ବାଳୁଙ୍ଗା
C. ନବୀନ – ପ୍ରାଚୀନ
D. ମାନ – ଅପମାନ

Answer-A

36. ଏବେ ଠାରୁ ମହାନଦୀ ଯେତେ ଶୁଷ୍କ ହେବ, ଏହା ଉପରେ ତର୍କ ବିତର୍କ ସେତେ ଅଧିକ ହେବ। ବାକ୍ୟଟି ଏକ -------- ବାକ୍ୟ

A. ସରଳ
B. ଜଟିଳ
C. ଯୌଗିକ
D. ମିଶ୍ର

Answer-B

37. କେଉଁ ବାକ୍ୟଟି ଠିକ

A. ବିସମ ପରିସ୍ଥିତ ସତ୍ତ୍ୱେ ମାଟି ଓ କାଦୁଅ ତଳୁ ଖୋଜା ଚାଲିଛି ଜୀବନ
B. ଜଗନ୍ନାଥ ଧାମ ଚାରି ଧାମ ମଧ୍ୟରୁ ଶେଷ୍ଠତମ ଧାମ ଅଟେ
C. ସାଣ୍ମାଷିକ ଦେଇନଥିଲେ ଆଉଥରେ ପରୀକ୍ଷା ଦେବାର ସୁଯୋଗ ମିଳିବ
D. ଅନ୍ୟର ଦୁଃଖ ଦେଖି ଯେଉଁ ମନୋବେଗ ସୃଷ୍ଟି ହୁଏ ତାହାକୁ ଅନୁଗ୍ରହ କୁହାଯାଏ

Answer-D

38. କେଉଁ ବାକ୍ୟଟି ଠିକ

Subhasis

A. ଭାରତର ସମ୍ମାନୀୟ ଉପରାଷ୍ଟ୍ରପତି ମହୋଦୟଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା
B. ପାରସ୍ପରିକ ବିଚାର ଓ ବୁଝାମଣା ଅଭାବରୁ ଦ୍ୱିପାକ୍ଷିକ ଭାଗୀଦାରିର ଅଧୋପତନ ଘଟିଛି
C. ଆଜଠୁରୁ ହାତ ପାପୁଲି ନାହିଁ, ତଥାପି ସେ କର୍ମଠ, ସବୁ କାମରେ ଧୁରନ୍ଧର
D. ଉପରିସ୍ଥ ଅଧିକାରୀଙ୍କ ରିପୋର୍ଟ ପରେ ହିଁ ତଦନ୍ତ ଆଦେଶ ଦେଇ ପାରିବେ

Answer-D

39. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ତୁର୍କୀ ଶବ୍ଦ ଅଟେ

A. ଚଷମା
B. ଚପାତି
C. ମୁନିବ
D. ଜଜ

Answer-B

40. 'ସୁଚରିତ୍ର'ର ଗଠନରୀତି କଣ ହେବ

A. ସୁ-ଚର-ଇତ୍ର
B. ସୁର-ଚର-ତ୍ର
C. ସୁ-ଚ-ଇତ୍ର
D. ସୁଚ-ର-ଇତ୍ର

Answer-A

41. କେଉଁଟି ଠିକ

A. ମାରିବାର ଇଚ୍ଛା – ମୁମୂର୍ଷା
B. ଦାନ କରିବାର ଇଚ୍ଛା – ଦତ୍ୟା
C. ଦେଖିବାର ଇଚ୍ଛା – ଦିଦୃକ୍ଷା
D. ଲାଭ କରିବାର ଇଚ୍ଛା – ପିପାସା

Answer-C

42. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ନିଶ୍ଚୟ ବାଚକ ସର୍ବନାମ

A. ଦୁହେଁ
B. କିଛି
C. ସମସ୍ତ
D. ସକଳ

Answer-A

43. କେଉଁଟି ଠିକ ନୁହେଁ

A. ବିକଳ୍ପାର୍ଥକ ଅବ୍ୟୟ : ଅବା
B. ହେତୁବୋଧକ ଅବ୍ୟୟ : ସକାଶେ
C. ପଦାନ୍ୱୟୀ ଅବ୍ୟୟ : ବିନା
D. ସାଦୃଶ୍ୟବୋଧକ ଅବ୍ୟୟ : ବାବଦ

Answer-D

44. ତୁମ ପିନ୍ଧା ଲୁଗାଟି ଭାରି ଭଲ ହୋଇଛି । ରେଖାଙ୍କିତ ପଦଟି ------- - ଭାବେ ବ୍ୟବହୃତ ହୋଇଅଛି

A. ବିଶେଷ୍ୟ
B. ବିଶେଷଣ
C. କ୍ରିୟାବାଚକ ବିଶେଷ୍ୟ
D. ଧାତୁ

Answer-B

45. ସେହି ଗାଁର ସବୁ ମହିଳା ସାକ୍ଷର | ରେଖାଙ୍କିତ ପଦଟି କେଉଁ ବିଶେଷଣ ?

A. ସର୍ବନାମର ବିଶେଷଣ
B. ସମ୍ବନ୍ଧବାଚକ ବିଶେଷଣ
C. ସାର୍ବନାମିକ ବିଶେଷଣ
D. ବିଧେୟ ବିଶେଷଣ

Answer-C

46. "ନିଧାନ"ର ବିଶେଷଣ ରୂପ କଣ ?

A. ନିଷେଧ
B. ନିହିତ
C. ନିଧୃତ
D. ନ୍ୟସ୍ତ

Answer-B

47. ନିମ୍ନଲିଖିତ ମଧ୍ୟରୁ କେଉଁ ଅର୍ଥରେ ଦ୍ୱିତୀୟା ବିଭକ୍ତି ହେବ ନାହିଁ

A. ଅନୁସାରେ ଅର୍ଥରେ
B. କ୍ରିୟା ବିଶେଷଣ ପଦରେ
C. ବିନା ଶବ୍ଦଯୋଗେ
D. ନିକଟ ଅର୍ଥରେ

Answer-C

48. 'ସବୁ ସ୍ଥାନରେ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା'

A. ଦେଶକେ ଫାଙ୍କ୍, ନଈକେ ବାଙ୍କ୍
B. ଆପଣା ଶିଙ୍ଗରେ ଭୂଇଁ ତାଡ଼ିବା
C. ଆଖୁ କିଆରୀରେ ପଶିବା
D. ଯେ ଦେଶେ ଯାଇ ସେ ଫଳ ଖାଇ

Answer-D
[Odisha Police Jail Warder]

49. ମନ ଘର ଧରିବା' - ଏହି ରୂଢ଼ିଟି କେଉଁ ଅର୍ଥରେ ବ୍ୟବହୃତ ?

A. କୌଶଳରେ ଆୟତ୍ତ କରିବା
B. କଠିନ ପରିଶ୍ରମ କରି ପେଟ ପୋଷିବା
C. ବିପଦକୁ ଡାକି ଆଣିବା
D. ଅସୁବିଧାରେ ପଡ଼ି ସଚେତନ ହେବା

Answer-D
[Odisha Police Jail Warder]

Subhasis Sir

ODIA MARATHON MAY 22

50. ପ୍ରତିହିଂସା ମନୋଭାବ ପୋଷଣ କରିବା – ଏହି ଅର୍ଥ ବୁଝାଉଥିବା ରୂଢ଼ିଟି କେଉଁଟି ?

A. ରକ୍ତଚାଉଳ ଚୋବାଇବା
B. ଛାଇ ନ ମାଡ଼ିବା
C. ଅହନ୍ତାରଖିବା
D. ନାକେଦମ୍ କରିବା

Answer-C

51. ଅତି ପୁରୁଣା – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କେଉଁଟି ?

A. ଅସିଆ କାଳର ମସିଆ
B. ଓଳିଆରୁ ପଡ଼ି ଗଜା
C. ଅନ୍ଧର ଲଉଡ଼ି
D. ନ ଦେଖିଲା ଓଉ ଛ'ଫଡା

Answer-A

52. ଖୁବ୍ କଷ୍ଟକର କଥା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ଦେହ କଣ୍ଟା ହୋଇଯିବା
B. କାଠିକର ପାଠ
C. କଅଁଳ ଲୁହାକୁ ଉଇ ଖାଏ
D. କଷ୍ଟ କଲେ କୃଷ୍ଣ ମିଳେ

Answer-B

53. ଅନଧିକାର ଚର୍ଚ୍ଚା - ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ଉପରେ ପଡ଼ି କହିବା
B. ପିଠିରେ ପଡ଼ିବା
C. ଅଦା ବେପାରୀର ଜାହାଜ ମୂଲ
D. ଏଘରେ ମାଉସୀ ସେ ଘରେ ପିଉସୀ

Answer-C

54. ତିଳକୁ ତାଳ କରିବା – ଏହି ରୂଢ଼ିଟିର ଅର୍ଥ କେଉଁଟି ?

A. ବଡ଼ କଥାକୁ ଛୋଟ କରିବା
B. କଥା ବଦଳାଇବା
C. ଛୋଟ କଥାକୁ ବଡ଼ କରି ପ୍ରଚାର କରିବା
D. ରୂପ ବଦଳାଇବା

Answer-C

55. ଧୈର୍ଯ୍ୟ ଧରିବା – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କେଉଁଟି ?

A. ନଛୋଡ଼ବନ୍ଧା
B. ଛାତି ପଥର କରିବା
C. ବାଆକୁ ବତା
D. ହୁଙ୍କାପିଟା

Answer-B

56. ଉଡ଼ିଗଲା ଚଢ଼େଇର ପର ଗଣିବା – ଏହି ଲୋକବାଣୀଟିର ଅର୍ଥ କଣ ?

A. ଶିକାରୀ
B. ଅତି ନିର୍ବୁଦ୍ଧିଆ
C. ମିଥ୍ୟାବାଦୀ
D. ଅତିବୁଦ୍ଧିଆ

Answer-D

57. ଜୋର ଯା'ର ମୂଲକ ତା'ର – ଏହି ଲୋକବାଣୀଟିର ଅର୍ଥ କେଉଁଟି ?

A. ଅଧିକ ବଳ ପ୍ରୟୋଗ କରିବା
B. ବଳୁଆ ଲୋକ କ୍ଷମତା ପାଏ
C. କ୍ଷମତା ଓ ଶକ୍ତିର ଅଧିକାରୀ ହିଁ ପ୍ରଭୁତ୍ୱ ବିସ୍ତାର କରେ
D. ବଳ ପ୍ରୟୋଗ କରି କ୍ଷମତା ପାଇବା

Answer-C

58. ଉପରେ ପଡ଼ି କହିବା । ଏ ରୂଢ଼ିଟିର ଅର୍ଥ କଣ ?

A. ଯିଏ ସବୁ ଜାଣିଛି
B. ଅଧୁକ ଜାଣିଥିବା ବ୍ୟକ୍ତିର ଗୁଣ
C. ନ ପଚାରୁଣୁ କହିବା, ବା ଅନ୍ୟର କଥା ନସରୁଣୁ କହିବା
D. ଭଲ ମଣିଷର ଗୁଣ

Answer-C

59. 'ଅଠାକାଠିରେ ପଡ଼ିବା' – ଏହି ଲୋକବାଣୀଟିର ଅର୍ଥ କଣ ?

A. ଦେହରେ ଅଠା ଲାଗିଯିବା
B. କଷ୍ଟେ ମଷ୍ଟେ ବଞ୍ଚି ରହିବା
C. ସାମାନ୍ୟ କାମ ପାଇଁ ବହୁଶ୍ରମ କରିବା
D. ଅସୁବିଧା ପରିସ୍ଥିତିରେ ସମ୍ମୁଖୀନ ହେବା

Answer-D

60. 'ମୂର୍ଖଙ୍କ ଆଗରେ ତତ୍ତ୍ୱକଥା କହିବା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ଅଦା ବେପାରୀର ଜାହାଜ ମୂଲ
B. ଅନ୍ଧଦେଶକୁ ଗଲି ଦର୍ପଣ ବିକି
C. ଘୁଷୁରିକି ପାଟିଲା କଦଳୀ
D. ତିନିତୁଣ୍ଡରେ ଛେଳି କୁକୁର

Answer-B

61. ଫସରଫାଟିବା – ଏହି ରୂଢ଼ିଟିର ଅର୍ଥ କେଉଁଟି ?

A. ବ୍ୟର୍ଥହେବା
B. ଠକିବା
C. ଚିକ୍କଣ କଥା କହି ମନ ଭୁଲେଇବା
D. ଅନୁକୂଳ ବିଗିଡ଼ିଯିବା

Answer-A

62. ଅତି ଭକ୍ତି ଚୋରର ଲକ୍ଷଣ – ଏହି ଲୋକବାଣୀଟିର ଅର୍ଥ କେଉଁଟି ?

A. ଚୋରମାନେ ବିଶେଷ ଭକ୍ତି କରନ୍ତି
B. କାର୍ଯ୍ୟ ବା ସ୍ୱାର୍ଥ ହାସଲ ପାଇଁ ବିନମ୍ର ଭାବ ଦେଖାଇବା
C. ଚୋରମାନଙ୍କର ଭକ୍ତି ବେଶୀ ଥାଏ

Subhasis Sir

D. ଯିଏ ଚୋର ସିଏ ବଡ଼ ଭକ୍ତ

Answer-B

ଚୋର ଗଲା ପରେ ବୁଦ୍ଧି ଦିଶେ ¬ ବିପଦ ଭୋଗିସାରିଲା ପରେ ଲୋକ ସତର୍କ ହୁଏ

ଚୋର ଘର ସର୍ବଦା ଅନ୍ଧାର ନ ଥାଏ - ବାରମ୍ବାର ମନ୍ଦ କାମ କରୁଥିବା ଲୋକ ଦିନେ ନା ଦିନେ ଧରାପଡ଼େ, କୁକର୍ମର ପ୍ରାୟଶ୍ଚିତ ନିଶ୍ଚିତ

ଚୋର ମନ ଗଣ୍ଡି (ଗଣ୍ଡିଲି)ରେ - ନୀଚଲୋକ ନୀଚକାର୍ଯ୍ୟରେ ଆସକ୍ତ

63. ଧରାକୁ ସରା ମଣିବା ତାଙ୍କର ପ୍ରକୃତି । ଏହି ଲୋକବାଣୀଟି କେଉଁ ଅର୍ଥ ପ୍ରକାଶ କରେ ।

A. ଧରାକୁ ସରା ମଣିବା

B. ଅତି ଗର୍ବଭାବ ପ୍ରଦର୍ଶନ କରିବା

C. ସରାକୁ ଧରାରେ ସ୍ଥାନ ଦେବା

D. ସରା ଓ ଧରାକୁ ସମାନ ଦୃଷ୍ଟିରେ ଦେଖିବା

Answer-B

64. ସର୍ବସ୍ୱ ଲୁଟିନେବା – ଏହି ଅର୍ଥକୁ ବୁଝାଉଥିବା ରୂଢ଼ିଟି କେଉଁଟି ? =

A. କଳାକନା ବୁଲାଇବା

B. ଅଠା ବୋଳିବା

C. ବାଟ କାଟିବା

D. ଫାଙ୍କ ଆଖି

Answer-A

65. ବାକ୍ୟାଂଶରେ କ୍ରିୟାପଦ ନଥିଲେ କେଉଁ ରୂଢ଼ି ହୁଏ ?

A. କ୍ରିୟାତ୍ମକ ରୂଢ଼ି

B. କ୍ରିୟାଯୁକ୍ତ ରୂଢ଼ି

C. ତୁଳନାତ୍ମକ ରୂଢ଼ି

D. କ୍ରିୟାହୀନ ରୂଢ଼ି

Answer-D

66. ଅରଣ୍ୟ ରୋଦନ – ଏହି ରୂଢ଼ିଟିର ଅର୍ଥ କେଉଁଟି ?

A. ଅରଣ୍ୟ ରୋଦନ - ନିଷ୍ଫଳ ପ୍ରାର୍ଥନା

B. ଅରଣ୍ୟ ରୋଦନ – ଅଯଥା କାନ୍ଦ

C. ଅରଣ୍ୟ ରୋଦନ – ବଣରେ କାନ୍ଦିବା

D. ଅରଣ୍ୟ ରୋଦନ – ମିଛରେ କାନ୍ଦିବା

Answer-A

67. ଛୋଟ କଥାକୁ ବଡ଼ କରି ପ୍ରଚାର କରିବା – ଏହି ଅର୍ଥ ବୁଝାଉଥିବା ରୂଢ଼ିଟି କେଉଁଟି ?

A. ତାଳକୁ ତିଳ କରିବା

B. ଜିରାରୁ ଶିରା କାଢ଼ିବା

C. ହାଣ୍ଡି ଭାଙ୍ଗିବା

D. ତିଳକୁ ତାଳ କରିବା

Answer-D

68. ଘୋର ଶତ୍ରୁତା – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କେଉଁଟି ?

A. ଅଣ୍ଟି ଛୁରୀ ତଣ୍ଟି କାଟେ

B. ଅହିନକୁଳ ସମ୍ପର୍କ

C. ଛାଇ ନମାଡ଼ିବା

D. ଭାଲୁ ଧରାଇବା

Answer-B

69. ବହୁଲୋକରେ ମୂଷା ମାରି ହୁଏ ନାହିଁ – ଏ ଲୋକବାଣୀଟିର ଅର୍ଥ କଣ ?

A. ବହୁତ ଲୋକ କେବେ ମୂଷା ମାରିପାରନ୍ତି ନାହିଁ

B. ମୂଷା ମାରିବା ପାଇଁ ବହୁତ ଲୋକ ଅନାବଶ୍ୟକ

C. ବହୁ ଲୋକ ଦେଖୁ ମୂଷା ଖସିଯାଏ

D. ବହୁଲୋକ ଏକାଠି ହେଲେ, ସେମାନଙ୍କର ଭିନ୍ନ ଭିନ୍ନ ମତ ଯୋଗୁଁ କୌଣସି ନିଷ୍ପତ୍ତି ନିଆଯାଇପାରେ ନାହିଁ ।

Answer-D

70. ଅନର୍ଥର ମୂଳ – ଏହି ଅର୍ଥ ବୁଝାଉଥିବା ରୂଢ଼ିଟି ଲେଖ ।

A. କଙ୍କଡ଼ାକୁ ଗୋଳିପାଣି

B. ଏ ଘର ମାଉସୀ, ସେ ଘର ପିଉସୀ

C. ନାଟର ଗୋବର୍ଦ୍ଧନ

D. କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା

Answer-C

71. ' ଅନ୍ୟାୟ ବିଚାର' – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କଣ?

A. ଅନ୍ଧ ବୁଝାବଣା

B. ରକ୍ତଚାଉଳ ଚୋବାଇବା

C. ଦାଉ ସାଧିବା

D. ମନ ଘର ଧରିବା

Answer-A

72. ଗୋଟିଏ କ୍ରିୟାହୀନ ରୂଢ଼ିର ଉଦାହରଣ ଦିଅ ।

A. ବାଟକାଟିବା

B. ଅଲଣା କଥା

C. ହାତଧରିବା

D. ନଜର ରଖିବା

Answer-B

73. 'ବାଘ ଘରେ ମିରିଗ ନାଟ' – ଏହି ରୂଢ଼ିଟିର ଅର୍ଥ କେଉଁଟି ?

A. ସାହସିକତା

B. ମୁରବୀ ଶୂନ୍ୟ ନିର୍ଭିକତା

C. ଭୁକାର୍ଯ୍ୟ

D. କାହାରିକୁ ସମ୍ମାନ ନ ଦେବା

Answer-B

74. କଥା କହେ, କାମ କରେ ନାହିଁ - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଯି ବାଛି ଲେଖ ।

A. ବିରାଡ଼ି ବୈଷ୍ଣବ

B. ଓଳିଆରୁ ଗଜା

C. କୁହାମୁଣ୍ଡା କପିଳା

D. ନାଟର ଗୋବର୍ଦ୍ଧନ

Answer-C

Subhasis Sir

75. କ୍ଷୀଣ ଆଶ୍ରୟ – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି ବାଛ ?

A. ଅନ୍ଧର ଲଉଡ଼ି
B. ଧରାକୁ ସରା ମଣିବା
C. ଅରକ୍ଷିତକୁ ଦଇବ ସାହା
D. ବାଆକୁ ବତା

Answer-D

76. 'ଦରିଦ୍ର ଲୋକର ଚିନ୍ତା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି ହେଲା :

A. ପେଟପୋଷ୍ଟ ନାହିଁ ଦୋଷ୍ଟ
B. ଅଠାକାଠିରେ ପଡ଼ିବା
C. ଅଳପ ଧନ ବିକଳ ମନ
D. ଧରାକୁ ସରା ମଣିବା

Answer-C

77. ଧୀର ପାଣି ପଥର କାଟେ – ଏହି ଲୋକବାଣୀଟିର ଅର୍ଥ ଲେଖ ।

A. ପଥୁରିଆ ସ୍ଥାନରେ ଧୀର ପାଣି ଚାଲେ
B. ଧୀର ସ୍ଥିର ଭାବରେ କାର୍ଯ୍ୟ କଲେ ସଫଳତା ମିଳେ
C. ପାଣି ଧୀରେ ଧୀରେ ପଥରକୁ କାଟେ
D. ବୁଝି ବିଚାରି କାମ କଲେ ଠିକ୍ ହୁଏ

Answer-B

78. କ୍ଷୁଦ୍ର ମଧ୍ୟରେ ଭୟଙ୍କରତା – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀ ?

A. ଚକେ ଗଲେ ବାରହାତ
B. ଡେଙ୍ଗା ମୁଣ୍ଡରେ ଠେଙ୍ଗା
C. ଛୋଟ ସାର୍ପର ବଡ଼ ବିଷ
D. କୂପ ମଣ୍ଡୁକ

Answer-C

79. ମୁହଁଦେବା – ରୂଢ଼ିଟିର ଅର୍ଥ କଣ ?

A. ପ୍ରତିଶୋଧ ନେବା
B. ଅମାନ୍ୟ କରିବା
C. ନେହୁରା ହେବା
D. ପ୍ରଶୟ ଦେବା

Answer-D

80. ଦୁଃଖ ଉପରେ ଦୁଃଖ – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି ଲେଖ ।

A. ବାଟ ମାରଣା ହେବା
B. ଅଣ୍ଟିଛୁରୀ ଉଣ୍ଟିକାଟେ
C. ବୋଝ ଉପରେ ନଳିତା ବିଡ଼ା
D. ବିରାଡ଼ି ଛିଙ୍କିବା

Answer-C

81. ଇଚ୍ଛା ଅନୁସାରେ ସୁବିଧା ମିଳିବା– ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କେଉଁଟି ?

A. ବିରାଡ଼ି କପାଳକୁ ଶିକା ଛିଡ଼ିବା
B. ହାତ କରିବା
C. ଛାତିକି ପଥର କରିବା
D. କପାଳ ଖୋଲିବା

Answer-A

82. ' ଅଭିଜ୍ଞତାରୁ ସତର୍କ ହେବା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି ହେଲା :

A. ଅଠାକାଠିରେ ପଡ଼ିବା
B. ଅନ୍ଧ ଥରେ ବାଡ଼ି ହଜାଏ
C. ସଭାରେ ହାଣ୍ଡି ଭାଙ୍ଗିବା
D. ଧରାକୁ ସରା ମଣିବା

Answer-B

83. କଖାରୁ ଚୋରକୁ ମୁଣ୍ଡକାଟ – କେଉଁଥିପାଇଁ ବ୍ୟବହାର କରାଯାଏ ?

A. ସାମାନ୍ୟ ଦୋଷ ପାଇଁ କଠୋର ଦଣ୍ଡ
B. ସବୁ ଚୋରକୁ ଦଣ୍ଡ
C. କଖାରୁ ଚୋରକୁ ଦଣ୍ଡ
D. ମୁଣ୍ଡକାଟ ଦଣ୍ଡ ଚୋର ପାଇଁ

Answer-A

84. ସରଗୁ ପଡ଼ିଲା ଟେକାଟେ, ତା ମୁଣ୍ଡରେ ଠେକାଟେ – ଏହି ଲୋକବାଣୀଟି କାହାକୁ ଲକ୍ଷ୍ୟକରି କୁହାଯାଇଛି ?

A. କୁଆପଥର
B. କେଉଁଟି ନୁହେଁ
C. ଡେମ୍ପ ସହିତ ଫୁଲ
D. ପାଚିଲା ତାଳ

Answer-D

85. " ଶତ୍ରୁର ସୁବିଧା ବିପଦର କାରଣ' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି ହେଲା –

A. ବାହା ସରିଲେ ବେଦି ମୁହଁ ପୋଡ଼ା
B. ଓଧ ସାଙ୍ଗରେ ବଣଭୁଆ ବାଇ
C. ପାପଧନ ପ୍ରାୟଶ୍ଚିତରେ ଯାଏ
D. ବଗର ବେକ ବଢ଼ିଲେ ମୀନର ବିପତ୍ତି

Answer-D

86. ଯତ୍ନ କଲେ ରତ୍ନ ମିଳେ – ଏହା କେଉଁ ଅର୍ଥକୁ ପ୍ରକାଶ କରେ ?

A. ଅଧ୍ୟବସାୟ ସଫଳତାର ଚାବିକାଠି
B. ରତ୍ନ ପାଇବାକୁ ହେଲେ ଯତ୍ନ କରିବା ଦରକାର
C. ଯେ ଯତ୍ନ କରିବ ସେ ରତ୍ନ ପାଇବ
D. ଯତ୍ନକରି ଏବଂ ରତ୍ନପାଅ

Answer-A

87. 'ସାବଧାନ ହୋଇ କାମ କରିବା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ହଲିଲା ପାଣିରେ ଗୋଡ଼ ନ ଦେବା
B. ଧରାକୁ ସରା ମଣିବା
C. ଉଡ଼ିଗଲା ଚଢ଼େଇର ପର ଗଣିବା
D. ହାତେ ମାପି ଚାଖଣ୍ଡେ ଚାଲିବା

Subhasis Sir

Answer-D

88. 'ଯେତେ ଘୋଡ଼ାଇଲେ ବି ଦୋଷ ଧରାପଡ଼େ'– ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କ'ଣ ?

A. ଶୋଇଲା ପୁଅର ଭାଗ ନାହିଁ
B. ଯେସାକୁ ତେସା
C. ଯେ ଦେଶ ଯାଇ ସେ ଫଳ ଖାଇ
D. ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି

Answer-D

89. ମୁର୍ଖଙ୍କ ଆଗରେ ତତ୍ତ୍ୱକଥା କହିବା, ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କ'ଣ ?

A. ଔଷଦ ରାଗରେ ତାଟିଆ କାମୁଡ଼ିବା
B. ଆଗତ ଚଢ଼େଇକି ବେସରବଟା
C. ଏକା ତୁଣ୍ଡରେ ଉଆ ଉଷୁନା
D. ଅନ୍ଧଦେଶକୁ ଗଲି ଦର୍ପଣ ବିକି

Answer-D

90. 'ଖୁବ କଷ୍ଟକର କଥା' – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. କାଠିକର ପାଠ
B. କଷ୍ଟ କଲେ କୃଷ୍ଣ ମିଳନ୍ତି
C. କଅଁଳ ଲୁହାକୁ ଉଇ ଖାଏ
D. କୁଟା ଖଣ୍ଡ ଦିଖଣ୍ଡ ନକରିବା

Answer-A

91. କବି ତୁଣ୍ଡ ମେଣ୍ଢା ମୁଣ୍ଡ – ଏହା କେଉଁ ଅର୍ଥରେ ବ୍ୟବହାର କରାଯାଏ ?

A. କଠିନ
B. ମଜଭୁତ
C. ଶକ୍ତିଶାଳୀ
D. ଦୃଢ଼ ବଚନ

Answer-D

92. ଅସିଆ କାଳର ମସିଆ – ଏହି ରୁଢ଼ିଟିର ଅର୍ଥ କେଉଁଟି ?

A. କଳା ପଡ଼ିଥିବା
B. ଅଶୀ ମସିହାର
C. ମଳି ହୋଇଥିବା
D. ଅତିପୁରୁଣା

Answer-D

93. ଶକ୍ତିଶାଳୀ ହିଁ ପ୍ରଭୁତ୍ୱ ବିସ୍ତାର କରେ – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି?

A. କବିତୁଣ୍ଡ, ମେଣ୍ଢାମୁଣ୍ଡ
B. ତେଲିଆ ମୁଣ୍ଡରେ ତେଲ
C. ଜୋର ଯା'ର ମୂଲକ ତା'ର
D. କୋପେ ବର ନହେଲେ ତପେ ବର

Answer-C

94. ନଦେଖିଲା ଓଉ ଛ' ଫଡା ଏହା କେଉଁ ଅର୍ଥରେ ବ୍ୟବହାର କରାଯାଇଛି ?

A. ଓଉ ଛଅଫଡ଼ା ହୁଏନାହିଁ
B. ଓଉ ଦେଖିବାକୁ ଛ'ଫଡାଯୁକ୍ତ
C. ନିଜର ଗ୍ୟାନ ନଥିଲେ ଭୁଲ କୁ ଠିକ୍ ବୋଲି ମାନିନେବା।
D. ଯେ ଓଉ ଦେଖନ୍ତି ତାକୁ ଯାହା କହିଲେ ଚଳିବ

Answer-C

95. କଜଳପାତିଆ ଭଦ୍ରଲୋକ – ଏହାର ଅର୍ଥ କଣ ?

A. କଜଳପାତି ସକାଳୁ ରାବ କରିବା
B. କଜଳପାତି ଭଦ୍ରଲୋକ ସାଜିବା
C. ଦୁଇଜଣଙ୍କ ଝଗଡ଼ାରେ ନିରୀହ ଲୋକ ମଧ୍ୟସ୍ଥି କରି କ୍ଷତି ସହିବା
D. କଜଳପାତିକୁ ଡାକିଆଣି ଭଦ୍ର ଲୋକ କରିବା

Answer-C

96. ବିପଦକୁ ନିଜେ ନିଜେ ଡାକି ଆଣିବା – ଏହି ଅର୍ଥ ପ୍ରକାଶ କରୁଥିବା ଲେକବାଣୀଟି କେଉଁଟି?

A. ଆଗତ ଚଢ଼େଇକିବେସର କଟା
B. ଆ ବଳଦ ମୋତେ ବିନ୍ଧ
C. ଅଦାବେପାରୀର ଜାହାଜ ମୂଲ
D. ଆପେ ବଞ୍ଚିଲେ ବାପର ନାଁ

Answer-B

97. ନିଜର ଲୋକ ଶତ୍ରୁ ହେବା ପାଇଁ କେଉଁ ଲୋକବାଣୀ ଉଦ୍ଦିଷ୍ଟ ?

A. ଅଦା ବେପାରୀର ଜାହାଜ ମୂଲ
B. ଅଳସୁଆର ବାରବାଟୀ ଚାଷ
C. ଅଠା କାଠିରେ ପଡ଼ିବ
D. ଅଣ୍ଟିଛୁରୀ ତଣ୍ଟିକାଟେ

Answer-D

98. ଜୀବନଠାରୁ ଅଧିକ - ଏହି ଅର୍ଥ ପାଇଁ କେଉଁ ଲୋକବାଣୀ ବ୍ୟବହୃତ ?

A. ଜାନ୍ ଯାଉ ମାନ୍ ଥାଉ
B. ଛୋଟ ସାପର ବିଷ ଟାଣ
C. ଡେଙ୍ଗା ମୁଣ୍ଡରେ ଠେଙ୍ଗା
D. ତୁଳସୀ ତୁଇ ପତ୍ରରୁ ବାସେ

Answer-A

99. କିଛି ନଥିବା ଅପେକ୍ଷା ସାମାନ୍ୟଥିବା ଭଲ- ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ପାପଧନ ପ୍ରାୟଶ୍ଚିତରେ ଯାଏ
B. ନାହିଁ ମାମୁଁଠାରୁ କଣା ମାମୁଁ ଭଲ
C. ପେଟ ପୋଷ ନାହିଁ ଦୋଷ
D. ନଈରେ ଘର କରି କୁମ୍ଭୀର ସଙ୍ଗେ କଳି

Answer-B

Subhasis Sir

100. ଭିନ୍ନ ସ୍ଥାନରେ ଭିନ୍ନ ଚଳଣି ବା ପ୍ରଥା – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ନଈକେ ବାଙ୍କ୍, ଦେଶକେ ଫାଙ୍କ୍
B. ଢୋକେ ପି' ଦଣ୍ଡେ ଜୀ
C. ଖୋଳ ପର୍ବତ ମାର ମୂଷା
D. ଚୋର ମନ ଚୋର ଗଣ୍ଠିଲିରେ

Answer-A

101. 'ଓଟ ମୁହଁରେ ଜିରା'- ଏହି ଲୋକବାଣୀଟିର ଅର୍ଥ କେଉଁଟି ?

A. ବହୁତ ଆବଶ୍ୟକସ୍ଥଳେ ଅଳ୍ପ ଜିନିଷ
B. କଥା ବଢ଼ାଇବା
C. ଠାସ୍‌କୁ ମାରିବା
D. ଅଯଥା କଳିକରିବା

Answer-A

102. ଧୀର ପାଣି ପଥର କାଟେ – ଏହି ଲୋକବାଣୀଟିର ଅର୍ଥ କେଉଁଟି ?

A. ଧୀର ଭାବରେ କାର୍ଯ୍ୟ କରିବା ଉଚିତ
B. ତରତର ହୋଇ କାର୍ଯ୍ୟ କରିବା ଉଚିତ ନୁହେଁ
C. ସବୁ କାର୍ଯ୍ୟକୁ ଧୀର ଭାବରେ କରିବା ଆବଶ୍ୟକ
D. ଧୀରସ୍ଥିର ଭାବରେ କାର୍ଯ୍ୟକଲେ ସଫଳତା ମିଳେ

Answer-D

103. 'ଅକାଳେ ନିୟମ ନାସ୍ତ' – ଏହି ଲୋକବାଣୀଟିର ଅର୍ଥ କେଉଁଟି ?

A. ଅକାଳ ପଡ଼ିଲେ କଥା ସରିଲା
B. ଅସମୟରେ କୌଣସି ସ୍ଥାନକୁ ଯିବା ଉଚିତ ନୁହେଁ
C. ଅସୁବିଧା ସମୟରେ ନିୟମ ମାନି ଚଳିବା ସମ୍ଭବ ହୋଇନପାରେ
D. ଅକାଳରେ ବିଶେଷ କାର୍ଯ୍ୟ ନାହିଁ

Answer-C

104. ଅକଲ ଗୁଡମ୍ - ଏହା କି ପ୍ରକାର ରୂଢ଼ି ?

A. କ୍ରିୟାଯୁକ୍ତ ରୂଢ଼ି
B. କ୍ରିୟାହୀନ ରୂଢ଼ି
C. କ୍ରିୟାବାଚକ ରୂଢ଼ି
D. ତୁଳନାତ୍ମକ ରୂଢ଼ି

Answer-B

105. ଅଳସୁଆ ଦୁଃଖ ପାଏ - ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କଣ ?

A. ହାତ ଅଳସେ ନିଶ ବଙ୍କା
B. ହାତେ ମାପି ଚାଖଣ୍ଡେ ଚାଲିବା
C. ଯେ ଦେଶ ଯାଇ ସେ ଫଳ ଖାଇ
D. ଶୋଇଲା ପୁଅର ଭାଗ ନାହିଁ

Answer-A

106. ନିଜର ସମ୍ମାନ ନିଜ ହାତରେ ପାଇଁ କେଉଁ ଲୋକବାଣୀ ବ୍ୟବହୃତ ?

A. ଗୋଦରୀ ଲୋ ତଳକୁ ଚାହାଁ
B. ଆପେ ବଞ୍ଚିଲେ ବାପର ନାଆଁ
C. ଆଲୋ ସଖି ଆପଣା ମହତ ଆପେ ରଖି
D. ନିଜ ହାତରେ ନିଜର ମାନ

Answer-C

107. ମାଗି ଆଣିଲା ତିଅଣ ହାପୁରାଏ – ଏହା କେଉଁ ଅର୍ଥକୁ ପ୍ରକାଶ କରେ ?

A. ଆମୋଦପ୍ରମୋଦ
B. ସୁଆଦିଆ
C. ଶକ୍ତିଶାଳୀ
D. କ୍ଷଣସ୍ଥା

Answer-D

108. ଅତି ଗର୍ବଭାବ ପ୍ରଦର୍ଶନ କରିବା – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ଓଳିଆରୁ ଗଜା
B. ମୁଣ୍ଡଟେକି ଚାଲିବା
C. କୁମ୍ଭୀର କାନ୍ଦଣା
D. ଧରାକୁ ସରା ମଣିବାକ୍ଷଣସ୍ଥାୟୀ

Answer-D

ODIA MARATHON MAY 27

109. ଆହେ ଦୟାମୟ ବିଶ୍ୱବିହାରୀ ଘେନ ଦୟା ବହି ମୋର ଗୁହାରୀ। ରେଖାଙ୍କିତ ପଦଟି କେଉଁ ଅବ୍ୟୟ

A. ପ୍ରଶ୍ନସୂଚକ
B. ହେତୁବୋଧକ
C. ସମ୍ବୋଧନସୂଚକ
D. ଅଳଙ୍କାରିକ

Answer-C

110. 'ସଙ୍ଗରୋଧ' : ଶବ୍ଦର ସଠିକ ଅର୍ଥ ବାଛ

A. ସାଙ୍ଗକୁ ଅନୁରୋଧ କରିବା
B. ବିନା ସାଙ୍ଗରେ ରହିବା
C. ସାଙ୍ଗକ ସହ ରହିବା
D. ସାଙ୍ଗମାନଙ୍କ ସହ ମିଶିକି ଅପରାଧ କରିବା

Answer-B

111. ପିଲାର ମିଛ କଥା ଜଣା ପଡିବାରୁ ବାପାଙ୍କ ଆଗରେ ସେ ------ ପରି ଥରୁଛି

A. କଦଳୀ
B. ବେଲ
C. ବିଚ୍ଛୁଆତି
D. ବରଡା

Answer-D

112. 'ପାତିମାଙ୍କଡ' ଶବ୍ଦରେ 'ପାତି' କେଉଁ ଅର୍ଥରେ ବ୍ୟବହୃତ ହୋଇଛି

A. ନ୍ୟୁଂ ଅର୍ଥରେ
B. ମନ୍ଦ ଅର୍ଥରେ
C. ବିପରୀତ ଅର୍ଥରେ
D. କ୍ଷୁଦ୍ର ଅର୍ଥରେ

Subhasis Sir

Answer-D

113. ଓଡିଆ ବର୍ଣ୍ଣମାଳାରେ -------ଟି ଉଷ୍ମବର୍ଣ୍ଣର ବ୍ୟବହାର କରାଯାଏ

A. 3
B. 4
C. 2
D. 5

Answer-B

114. ଅନ୍ୟ ଲୋକଙ୍କୁ ସମ୍ମାନ ଦେଲେ ନିଜର ସମ୍ମାନ ବଢେ । ରେଖାଙ୍କିତ ପଦଟି କେଉଁ ପ୍ରକାରର ସର୍ବନାମ

A. ନିର୍ଦ୍ଦେଶାତ୍ମକ
B. ନିର୍ଣ୍ଣାୟକ
C. ସମୁଚ୍ଚୟବୋଧକ
D. ସମ୍ବନ୍ଧବାଚକ

Answer-B

115. ଜଗନ୍ନାଥଙ୍କ ଜଣାଣରେ ଭକ୍ତିରସ ଉଦ୍ରେକ କରିଥାଏ । ରେଖାଙ୍କିତ ପଦଟି ଏକ ------ ପଦ

A. ବିଶେଷଣ
B. ବିଶେଷ୍ୟ
C. ଅବ୍ୟୟ
D. କ୍ରିୟା

Answer-B

116. "ଇନ୍ଦ୍ର ସପ୍ତଦିନ ବୃଷ୍ଟିକଲା" । ବାକ୍ୟରେ ଥିବା ସପ୍ତଦିନ କେଉଁ ବିଭକ୍ତି ?

A. ତୃତୀୟା
B. ପ୍ରଥମା
C. ଚତୁର୍ଥୀ
D. ଦ୍ୱିତୀୟା

Answer-D

117. ଅତି କୁହାଳିଆ ରାମ ପରୀକ୍ଷାରେ ଫେଲ ହେଲା ।

ଉକ୍ତ ବାକ୍ୟରେ କେତୋଟି ବିଶେଷଣ ପଦ ଅଛି ?

A. 1
B. 2
C. 3
D. 4

Answer-B

118. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ କ୍ରିୟାହୀନ ରୂଢି ?

A. ଶରଣ ପଶିବା
B. ମୁଣ୍ଡକୁ ହାତ ପାଇବା
C. ହାତ ଉଠେଇବା
D. ଅକଲ ଗୁଡୁମ

Answer-D

119. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଛି ଅର୍ଥରେ 'ଇ' ପ୍ରତ୍ୟୟର ଏକ ଉଦାହରଣ

A. କାଠି
B. ମହାଜନି
C. ପହଁରାଳି
D. ଘଡଘଡି

Answer-D

120. ନିମ୍ନଲିଖିତ ମଧ୍ୟରୁ କେଉଁଟି ଠିକ

A. ଜଳ – ଉତ୍ସ
B. ଗାଈ – ହୟ
C. ଇନ୍ଦ୍ର – ସହସ୍ରାକ୍ଷ
D. ଶିରୋରୁହ – ଚିକୁର

Answer-C

121. ପିଲାଟି ଏପରି .....ଯେ ,ଯାହା କହିବ ତାହା କରିବ। (ଶୂନ୍ୟସ୍ଥାନ ପାଇଁ ସଠିକ ଉତ୍ତର ବାଛ)

A. ବଣ ବିଚ୍ଛୁଆତି
B. ନାଟର ଗୋବର୍ଦ୍ଧନ
C. ହୁଙ୍କାପିଟା
D. ନଚ୍ଛୋଡବନ୍ଧା

Answer-D

122. ନିମ୍ନଲିଖିତ କେଉଁ ଶବ୍ଦଟି ଏକ ବୈଦେଶିକ ଶବ୍ଦ ନୁହେଁ ?

A. ନାରାଜ
B. ବଗିଚା
C. ମଲାଟ
D. ବାଲ୍ଟି

Answer-C

123. ସନ୍ନିକଟ- ପଦ କିପରି ହୋଇଛି ?

A. ସନ + ନିକଟ
B. ସମ୍ + ନିକଟ
C. ସମ + ନିକଟ
D. ସନ୍ + ନିକଟ

Answer-B

124. କାଠପୋଲ –ପଦଟି କେଉଁ ସମାସ ଯୋଗେ ନିଷ୍ପନ୍ନ ହୋଇଛି ?

A. କର୍ମଧାରୟ
B. ଦ୍ୱିଗୁ
C. ବହୁବ୍ରୀହି
D. ଦ୍ୱନ୍ଦ

Answer-A

125. ସଭା ଭାଙ୍ଗୁ ଭାଙ୍ଗୁ ସନ୍ଧ୍ୟା ହେଇଗଲା।

ଏଠାରେ କେଉଁ ଅର୍ଥରେ ଅସମାପିକା କ୍ରିୟା ଲାଗିଛି

A. ହେତୁ ଅର୍ଥରେ
B. ସମକାଳୀନ ଅର୍ଥରେ
C. ସମୟସୀମା ଅର୍ଥରେ
D. ନିମିତ୍ତ ଅର୍ଥରେ

Answer-B

Subhasis Sir

126. (୧)ଶିକ୍ଷା କେବଳ ଯାହା ଉପରେ (୨)ଆମର ସଭ୍ୟତା ନିର୍ମିତ ହୋଇଛି (୩) ତାହାର ଭିତ୍ତିଭୂମି ନୁହେଁ, (୪)ଏହା ମାନବିକତାର ଭବିଷ୍ୟତର ସ୍ଥାପତ୍ୟ ମଧ୍ୟ ଅଟେ । କେଉଁ ଅଂଶରେ ତ୍ରୁଟି ଅଛି

A. ୧
B. ୨
C. ୩
D. ୪

Answer-D

127. ଏକା ବିଦ୍ୟା ସୁରକ୍ଷିତା -- ଲୋକବାଣୀ ର ଅର୍ଥ କ'ଣ ?

A. ବିଦ୍ୟା ହିଁ ସୁରକ୍ଷା ପ୍ରଦାନ କରିଥାଏ
B. ଗୋଟିଏ ବିଷୟକୁ ଭଲଭାବରେ ଆୟତ୍ତ କରିବା
C. ବିଦ୍ୟା ଦ୍ୱାରା ନିଜର ସୁରକ୍ଷା କରିବା
D. ବିଦ୍ୟା ହିଁ ସାହା ଭରଷା

Answer-B

128. ସନ୍ଧ୍ୟା ହେଲେ ସୂର୍ଯ୍ୟ ଢଳେ। ରେଖାଙ୍କିତ ପଦଟି କେଉଁ କାଳରେ ଅଛି

A. ସାଧାରଣ ବର୍ତ୍ତମାନ
B. ସମ୍ପନ୍ନ ବର୍ତ୍ତମାନ
C. ଅସମ୍ପନ୍ନ ବର୍ତ୍ତମାନ
D. କେଉଁଟି ନୁହେଁ

Answer-A

129. ଧାତୁ କାହା ଅନୁସାରେ ପରିବର୍ତ୍ତିତ ହୁଏ

A. କାଳ
B. ପୁରୁଷ
C. ବଚନ
D. କେଉଁଟି ନୁହେ

Answer-D

130. ନିମ୍ନଲିଖିତ ମଧ୍ୟରୁ ଅର୍ଦ୍ଧମୁଖର ପ୍ରତିଶବ୍ଦ କେଉଁଟି ?

A. ପବନ
B. ଆକାଶ
C. ଅରଣ୍ୟ
D. ଅଗ୍ନି

Answer-D

131. କେଉଁ ବାକ୍ୟରେ ତ୍ରୁଟି ଅଛି

A. ଉନତ ଶାସନ ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଆମର ଉଦ୍ଦେଶ୍ୟ ହେବା ଆବଶ୍ୟକ
B. ଭାରତରେ ଆମେ ଗବେଷଣା ଏବଂ ନବଶୃଜନ ଉପରେ ମଧ୍ୟ ଗୁରୁତ୍ୱ ଦେଇଛୁ
C. ବସୁଧୈବ କୁଟୁମ୍ବକମ୍ - ଗୋଟିଏ ପୃଥିବୀ, ଗୋଟିଏ ପରିବାର
D. ଭାରତୀୟ ଶାସ୍ତ୍ରରେ ଶିକ୍ଷାର ଭୂମିକାକୁ ଆନନ୍ଦ ଆଣିବା କ୍ଷେତ୍ରରେ ପ୍ରମୁଖ ବୋଲି ବର୍ଣ୍ଣନା କରାଯାଇଛି

Answer-D

132. କେଉଁଟି ଏକ ମଧ୍ୟପଦଲୋପୀ କର୍ମଧାରୟ ସମାସ ଅଟେ

A. ଶୋକାଗ୍ନି
B. ପୂର୍ବାହ୍ନ
C. ଦୁଖମଗ୍ନ
D. ଘୃତାକ୍ତ

Answer-D

133. ନିମ୍ନଲିଖିତ ମଧ୍ୟରୁ କେଉଁଟି ସ୍ୱରମୂଳକ ବିଭକ୍ତି ?

A. ଏ
B. କୁ
C. ରେ
D. ଦ୍ୱାରା

Answer-A

134. "ଲୋକ ଟି ଗରିବ। ସେ ହୃଦୟ ହୀନ ନୁହେଁ।" ଯୌଗିକ ବାକ୍ୟ ରେ ପରିଣତ କର।

A. ଲୋକଟି ଗରିବ ହୋଇ ବି ହୃଦୟ ହୀନ ନୁହେଁ।
B. ଲୋକଟି ଗରିବ କିନ୍ତୁ ହୃଦୟହୀନ ନୁହେଁ
C. ଯେହେତୁ ଲୋକଟି ଗରିବ ସେଥିପାଇଁ ସେ ହୃଦୟହୀନ ନୁହେଁ
D. ଲୋକଟି ଗରିବ ଓ ହୃଦୟହୀନ

Answer-B

135. ନିମ୍ନଲିଖିତ ମଧ୍ୟରୁ କେଉଁ ଯୋଡାଟି ଠିକ ଅଟେ

A. ବିପଦ – ଆପଦ
B. ବେରାମ – ଆରାମ
C. ପାଠୁଆ – ମିଛୁଆ
D. ନୀତି – ଦୁର୍ନୀତି

Answer-B

136. ନିମ୍ନ ଲିଖିତ ମଧ୍ୟରୁ କେଉଁଟି ଏକ "ବିଶେଷ୍ୟ" ପଦ ନୁହଁ

A. ମୂଲ୍ୟବାନ
B. ଜାତି
C. ମରାମତି
D. ବିପୁଳତା

Answer-A

137. ଏକ ପଦରେ ପ୍ରକାଶ କର

ଧର୍ମ ଜାଣନ୍ତି ଯେ

A. ଧର୍ମବାନ
B. ଧାର୍ମିକ
C. ଧର୍ମବିତ
D. ଧର୍ମରାଜ

Answer-C

Subhasis Sir

ODIA MARATHON MAY 28

138. ସେ ଉଡ଼ା ଚଢେଇର ପର ଗଣିପାରେ । ରେଖାଙ୍କିତ ପଦଟି ଏକ --

A. ଏକକ କ୍ରିୟା
B. କ୍ରିୟାବାଚକ ବିଶେଷ୍ୟ
C. ନାମଧାତୁ କ୍ରିୟା
D. କ୍ରିୟାଜ ବିଶେଷଣ

Answer-D

139. ସବୁ ଲୋକ ସୁଖରେ ରୁହନ୍ତୁ । ଏଠାରେ କେଉଁ ଅର୍ଥରେ ତୃତୀୟା ବିଭକ୍ତି ହୋଇଛି ?

A. ପ୍ରଯୋଜ୍ୟ କର୍ତ୍ତାରେ
B. କରଣ କାରକ
C. କ୍ରିୟାବିଶେଷଣ ପଦରେ
D. ମୂଲ୍ୟଅର୍ଥରେ

Answer-C

140. ପ୍ରତ୍ୟେକ ବ୍ୟଞ୍ଜନ ବର୍ଗର ତୃତୀୟ ବର୍ଣ୍ଣ କେଉଁ ବ୍ୟଞ୍ଜନ ବର୍ଣ୍ଣ ହୋଇଥାଏ ?

A. ମହାପ୍ରାଣ ବ୍ୟଞ୍ଜନ
B. ଅଳ୍ପପ୍ରାଣ ବ୍ୟଞ୍ଜନ
C. ଦନ୍ତ୍ୟ ବ୍ୟଞ୍ଜନ
D. କଣ୍ଠ୍ୟ ବ୍ୟଞ୍ଜନ

Answer-B

141. ମୋ' ଭାଇ କାଶ୍ମୀରରୁ ଏ ସାଲ୍ ପଠାଇଛନ୍ତି । ଏଠାରେ କେଉଁ କାରଣରୁ ପଞ୍ଚମୀ ବିଭକ୍ତି ହୋଇଛି ?

A. ଉତ୍ପତ୍ତି ହେତୁବୋଧକ
B. ରକ୍ଷାର୍ଥକ ଶବ୍ଦଯୋଗେ
C. ଅସମାପିକା କ୍ରିୟା ଲୋପରେ
D. ଭିନ୍ନାର୍ଥ ଶବ୍ଦ ଯୋଗେ

Answer-C

142. ଭଗିନୀର ପୁତ୍ର –

A. ଭଗିନୟ
B. ଭାଗିନେୟ
C. ଭଗ୍ନେୟ
D. ପୌତ୍ର

Answer-B

143. 'ଚଇତାଳି' ଏହି ତଦ୍ଧିତ ପ୍ରତ୍ୟୟ କେଉଁ ଅର୍ଥରେ ହେଉଛି ?

A. ସ୍ୱ – ଅର୍ଥରେ
B. ସମ୍ବନ୍ଧ ଅର୍ଥକ
C. ଜାତ ଅର୍ଥରେ
D. କ୍ଷୁଦ୍ର ଅର୍ଥରେ

Answer-C

144. ତୁଚ୍ଛାକୁ ଏତେ । ମୁଦି ନାହିଁ ଗୋଡ଼ କଚାଡୁ କେତେ ? ଏଠାରେ କେଉଁ ଅର୍ଥରେ ଦ୍ୱିତୀୟା ବିଭକ୍ତି ହୋଇଛି ?

A. ଅନୁସାରେ
B. ଉପଯୁକ୍ତ ଅର୍ଥେ
C. କ୍ରିୟା ବିଶେଷଣ
D. ସାଦୃଶ୍ୟ ଅର୍ଥରେ

Answer-C

145. ଏବେ ମୌସମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଦେଇଛି। ରେଖାଙ୍କିତ ପଦଟି କେଉଁ ପ୍ରକାରର କ୍ରିୟା ?

A. ସର୍କମକ ଅମିଶ୍ର କ୍ରିୟା
B. ସକର୍ମକ ମିଶ୍ର କ୍ରିୟା
C. ଅକର୍ମକ ଅମିଶ୍ର କ୍ରିୟା
D. ଅକର୍ମକ ମିଶ୍ର କ୍ରିୟା

Answer-D

146. ବଡ ଘରର ପୁଅ ହୋଇ ସେ ପାଠରେ ଶୂନ ।
ଏଠାରେ ରେଖାଙ୍କିତ ପଦଟି କେଉଁ ପଦ ।

A. ନାମବିଶେଷଣ
B. ସମ୍ବନ୍ଧ ପଦ
C. କ୍ରିୟାବିଶେଷଣ
D. ବାକ୍ୟାଂଶ

Answer-B

147. ଏଥି ମଧ୍ୟରୁ କେଉଁଟି 'ରାତି'ର ପ୍ରତିଶବ୍ଦ ନୁହେଁ ?

A. ନିଶାମୁଖ
B. ରଜନୀ
C. ଶର୍ବରୀ
D. କ୍ଷଣଦା

Answer-A

148. ଆକାଶରେ ବିଜୁଳି ଚମକୁଛି । ରେଖାଙ୍କିତ ପଦଟି କେଉଁ କ୍ରିୟା ?

A. ସକର୍ମକ କ୍ରିୟା
B. ଅକର୍ମକ କ୍ରିୟା
C. ଏକକ କ୍ରିୟା
D. ଯୌଗିକ କ୍ରିୟା

Answer-B

149. ମୁଁ ଏହି ସିନେମାଟି ଦେଖିଛି । ଏଠାରେ କେଉଁ ପ୍ରକାରର କ୍ରିୟା ହୋଇଛି ?

A. ସକର୍ମକ କ୍ରିୟା
B. ଅକର୍ମକ କ୍ରିୟା
C. ଏକକ କ୍ରିୟା
D. ଯୌଗିକ କ୍ରିୟା

Answer-B

Subhasis Sir

150. ଅକର୍ମକ କ୍ରିୟା ପ୍ରେରଣାର୍ଥକ ହେଲେ କେଉଁ କ୍ରିୟା ହୁଏ ?

A. ଦ୍ୱିକର୍ମକ
B. ଅକର୍ମକ
C. ସକର୍ମକ
D. ନାମଧାତୁ କ୍ରିୟା

Answer-C

151. ଏଥି ମଧ୍ୟରୁ କେଉଁଟି ଆରବୀ ଶବ୍ଦ ନୁହେଁ ?

A. ତହସିଲ୍
B. ହାଜିର୍
C. ହାକିମ
D. ଖାରଜ

Answer-B

152. 'ତୋପ' କେଉଁ ପ୍ରକାରର ଶବ୍ଦ ?

A. ତୁର୍କୀ
B. ଇଂରାଜୀ
C. ଆରବୀ
D. ପର୍ତ୍ତୁଗୀଜ

Answer-A

153. ଏଥି ମଧ୍ୟରୁ କେଉଁଟି ମହାପ୍ରାଣ ବ୍ୟଞ୍ଜନ ବର୍ଣ୍ଣ ?

A. ଜ
B. ଡ଼
C. ମ
D. ଥ

Answer-D

154. ଏଥି ମଧ୍ୟରୁ କେଉଁଟି ସଘୋଷ ବ୍ୟଞ୍ଜନ ବର୍ଣ୍ଣ ?

A. ଛ
B. ଦ
C. ଟ
D. ଫ

Answer-B

155. ଦୁଶ୍ଚରିତ୍ର ଶବ୍ଦର ଠିକ୍ ସନ୍ଧି ବିଚ୍ଛେଦ କେଉଁଟି ?

A. ଦୁଶ୍+ଚରିତ୍ର
B. ଦୁଃ+ଚରିତ୍ର
C. ଦୃଶ+ଚରିତ୍ର
D. ଦୁଃଶ+ରିତ

Answer-B

156. ପ୍ରେମାନନ୍ଦବାକୁ ଇଂରାଜୀରେ ବିଶାରଦ । – ରେଖାଙ୍କିତ ପଦଟି କେଉଁ କାରକ ?

A. ଅପାଦାନ କାରକ
B. କର୍ମ କାରକ
C. ସମ୍ପ୍ରଦାନ କାରକ
D. ଅଧିକରଣ କାରକ

Answer-D

157. ଗଛରେ ଫୁଲ ଫୁଟିଛି । (ରେଖାଙ୍କିତ ପଦଟି କେଉଁ ଅଧିକାଣର ଉଦାହରଣ ।)

A. କାଳାଧିକରଣ
B. ଐକଦେଶିକ ଆଧାରାଧିରଣ
C. ବିଷୟାଧିକରଣ ଆଧାରାଧିରଣ
D. ଅଭିବ୍ୟାପକ ଅଧାରାଧିକରଣ

Answer-B

158. 'ରୁମାଲ୍' କେଉଁ ପ୍ରକାରର ଶବ୍ଦ ?

A. ଆରବୀ
B. ପାର୍ସୀ
C. ତୁର୍କୀ
D. ପର୍ତ୍ତୁଗୀଜ

Answer-B

159. ତିଳରେ ତେଲ ଥାଏ । (ରେଖାଙ୍କିତ ପଦର ଯଥାର୍ଥ କାରକର ବାଛ ।)

A. ସ୍ଥାନାଧିକରଣ
B. ଅଭିବ୍ୟାପକ ଆଧାରାଧିରଣ
C. ବୈଷୟିକ ଆଧାରାଧିକରଣ
D. ଐକଦେଶିକ ଆଧାରାଧିକରଣ

Answer-B

160. ଉତ୍ତମ ଶିକ୍ଷକମାନେ ରାଜ୍ୟ ଓ ଜାତୀୟ ପୁରସ୍କାର ଲାଭ କରନ୍ତି ରେଖାଙ୍କିତ ପଦଟି କେଉଁ ପ୍ରକାର ବିଶେଷ୍ୟ ?

A. ଜାତିବାଚକ
B. ବସ୍ତୁବାଚକ
C. ଗୁଣବାଚକ
D. ନାମବାଚକ

Answer-A

161. ପାଣ୍ଡବମାନେ ପାଞ୍ଚ ଭାଇ ଥିଲେ । ସେମାନଙ୍କ ମଧ୍ୟରେ ଅର୍ଜୁନ ତୃତୀୟ ଭାଇ- ରେଖାଙ୍କିତ ପଦଦ୍ୱୟ କ୍ରମାନ୍ୱୟରେ କେଉଁ ପ୍ରକାରର ବିଶେଷଣ ?

A. ପୂରଣବାଚକ, ସଂଖ୍ୟାବାଚକ
B. ସଂଖ୍ୟାବାଚକ, ତୁଳନାତ୍ମକ
C. ସଂଖ୍ୟାବାଚକ, ପୂରଣବାଚକ
D. କୌଣସିଟି ନୁହେଁ

Answer-C

162. ପୂଜାରୀଟି ଜଳନ୍ତା କାଠରେ କୁକୁରକୁ ପିଟିଲା – ଏହା କେଉଁ ପ୍ରକାରର ବିଶେଷଣ ?

A. ଉଦ୍ଦିଷ୍ଟ ବିଶେଷଣ
B. ବିଧେୟ ବିଶେଷଣ
C. କ୍ରିୟା ବିଶେଷଣ
D. କ୍ରିୟାବାଚକ ବିଶେଷଣ

Subhasis Sir

Answer-D

163. ହଠାତ୍ ସେ ରାଗି ଯିବେ, ଏମିତି ଭାବି ନଥିଲୁ – ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

A. ପଦାନ୍ୱୟୀ ଅବ୍ୟୟ
B. ସମୟସୂଚକ ଅବ୍ୟୟ
C. ସମ୍ମତି ସୂଚକ ଅବ୍ୟୟ
D. ବିଭକ୍ତି ସୂଚକ ଅବ୍ୟୟ

Answer-B

164. ____ତରତର_____ ମଠ |

A. ଚାଷ, ବଣିଜ
B. ବଣିଜ, ମଠ
C. ବେପାର, ବଣିଜ
D. ବଣିଜ, ବେପାର

Answer-A

165. ସବୁସ୍ଥାନରେ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କେଉଁଟି ?

A. ନଈକେ ଫାଙ୍କ୍, ଦେଶକେ ବାଙ୍କ୍
B. 'ଯେ ଦେଶେ ଯାଇ ସେ ଫଳ ଖାଇ'
C. ହାତେ ମାପି ଚାଖଣ୍ଡେ ଚାଲିବା
D. ଦେଶକେ ଫାଙ୍କ୍, ନଈକେ ବାଙ୍କ୍

Answer-B

166. _____ବେପାରୀର_____ ମୂଲ ।

A. ଛୋଟ, ସୁନା
B. ନଡ଼ିଆ, ଗୁଆ
C. ଅଦା, ଜାହାଜ
D. ଜାହାଜ , ଅଦା

Answer-C

167. କେଉଁ ଯୋଡାଟି ଠିକ

A. ଅବିଭାବକ,ଅଧକ୍ଷ୍ୟ
B. ଆୟତ୍ତ କ୍ଷେତ୍ର,ଅଦ୍ରତା
C. ଇନ୍ଦ୍ରିୟ,ଧୂଳିସାତ
D. ନାନାଦି,ବୁଦ୍ଧିମତା

Answer-C

168. ନିମ୍ନଲିଖିତ ମଧ୍ୟରୁ କେଉଁଟି ଭୁଲ

A. ବସ୍ତୁକୁ ଯିଏ ଧାରଣ କରେ : ବସୁନ୍ଧରା
B. ପବିତ୍ର କରେ ଯେ : ପାବନ
C. ପୃଥିବୀ ସମ୍ବନ୍ଧୀୟ : ପାର୍ଥିବ
D. ସମ୍ବିଧାନ ସଂପର୍କୀୟ : ସମ୍ବିଧାନିକ

Answer-D

169. ପିଲାମାନେ ---------- ବେଶୀ ଭଲ ପାଆନ୍ତି ?

A. ଯାହାକୁ
B. କାହାକୁ
C. ସମସ୍ତଙ୍କୁ
D. ତମକୁ

Answer-B

ODIA MARATHON MAY 29

170. ସର୍ବନାମ ପଦର ପରେ ବ୍ୟବହୃତ ହୋଇ ସର୍ବନାମ ପଦକୁ ବିଶେଷିତ କଲେ ତାହା କେଉଁ ବିଶେଷଣ ?

A. ସର୍ବନାମର ବିଶେଷଣ
B. ଅବ୍ୟୟର ବିଶେଷଣ
C. ସର୍ବନାମିକ ବିଶେଷଣ
D. ବାକ୍ୟର ବିଶେଷଣ

Answer-A

171. ନିମ୍ନୋକ୍ତ କେଉଁ ପ୍ରତ୍ୟୟ ର ଯୋଗରେ ପ୍ରେରଣାର୍ଥକ ଧାତୁ ଗଠନ ହୁଏ ?

A. ଈ
B. ଆ
C. ଓ
D. ଉପରୋକ୍ତ ସମସ୍ତ

Answer-B

172. 'ମହାନଦୀ' - ସମାସ ନିର୍ଣ୍ଣୟ କର

A. ବହୁବ୍ରୀହି
B. କର୍ମଧାରୟ
C. ତତପୁରୁଷ
D. ଅବ୍ୟୟୀଭାବ

Answer-B

173. କେଉଁ କ୍ରିୟା ବାକ୍ୟରେ କ୍ରିୟାଜ ବିଶେଷଣ ରୂପେ ବ୍ୟବହୃତ ହୁଏ

A. ସିଦ୍ଧ କ୍ରିୟା
B. ସାଧ କ୍ରିୟା
C. ସମାପିକା କ୍ରିୟା
D. ମିଶ୍ର କ୍ରିୟା

Answer-A

174. ଆକାଶରେ ନୀଳ ରଙ୍ଗର ମେଘମାଳା ବଉଦର ଭ୍ରମ <u>ସୃଷ୍ଟି କରୁଛନ୍ତି</u> । ରେଖାଙ୍କିତ ପଦଟି କେଉଁ ପ୍ରକାର କ୍ରିୟା

A. ସକର୍ମକ
B. ଦ୍ୱିକର୍ମକ
C. ଅକର୍ମକ
D. କେଉଁଟି ନୁହଁ

Answer-A

175. ନିମ୍ନଲିଖିତ ଶବ୍ଦ ଗୁଡିକ ମଧ୍ୟରୁ କେଉଁଟି ଦିଗରେ ପ୍ରତିଶବ୍ଦ ନୁହେଁ ।

A. ଦିଶ
B. କକୁଭ
C. ଆଶା
D. ଦିଗନ୍ତ

Subhasis Sir

Answer-D

176. ନିମ୍ନ ଲିଖିତ ରୂଢି ଓ ତାର ଅର୍ଥ ଦିଆଯାଇଥିବା ଯୋଡି ମଧ୍ୟରୁ କେଉଁଟି ଭୁଲ ?

A. ଚଟୁ ଆଇଁଷ, ବେଣ୍ଟ ନିରାମିଷ - ପରସର ବିରୋଧୀଭାବ

B. ଚକ ଗଡ଼ିଲେ ବାର ହାତ - ବାହାନା ଦେଖାଇ ଖସିଯିବା

C. ଋଷି ଜଟା ଛିଣ୍ଡାଇ ମରିବା - ଅସମ୍ଭବକୁ ସମ୍ଭବ କରିବା

D. ଘରେ ନପଶୁଣୁ ଚାଳ ବାଜିବା -କାମ ଆରମ୍ଭ କରିବା ପୂର୍ବରୁ ବାଧା

Answer-C

177. ନିମ୍ନ ଲିଖିତ ମଧ୍ୟରୁ କେଉଁଟି ଭୁଲ

A. ଧନୁ – କାର୍ମୁକ

B. ଦେବତା – ତ୍ରିଦିବ

C. ଗୃହ – ସଦ୍ମ

D. ଶତ୍ରୁ – ଅରାତି

Answer-B

178. କେଉଁଠି କ୍ରିୟା ବିଶେଷଣର ବିଶେଷଣ ବ୍ୟବହୃତ ହୋଇଛି

A. ସୁଲୁସୁଲିଆ ପବନ ବହୁଛି।

B. ମିଠା ଝରଣା ପାଣି କଳ କଳ କରି ବହିଯାଉଛି।

C. ଖୁବ ଜୋରରେ ଘୁଙ୍ଗୁଡ଼ି ମାରୁଚି।

D. ପିଲାଟି ଧୀରେ ଧୀରେ ଚାଲୁଛି।

Answer-C

179. ନିମ୍ନଲିଖିତ ମଧ୍ୟରୁ କେଉଁଟି ଭୁଲ

A. ଖେଳାଳି : ଜାତିବାଚକ ବିଶେଷ୍ୟ

B. ପରିଧାନ କରିବା - ମିଶ୍ର କ୍ରିୟା ?

C. ସଡକ - ଦେଶଜ ଶବ୍ଦ

D. ଶତରୂପା - ସଂଜ୍ଞାବାଚକ ବିଶେଷ୍ୟ

Answer- କେଉଁଟି ନୁହେଁ

180. ' ଶୈବଳିନୀ ' କାହାର ପ୍ରତିଶବ୍ଦ ?

A. ଗଙ୍ଗା

B. ଜଳ

C. ଝରଣା

D. ନଦୀ

Answer-D

ଗଙ୍ଗା - ଭୀଷ୍ମସୂ, ଜାହ୍ନବୀ, ଭାଗୀରଥୀ, ତ୍ରିପଥଗା, ଅଳକନନ୍ଦା

ଜଳ - ସଲିଳ, ଜୀବନ, ତୋୟ, ଉଦକ, ନୀର, ବାରି, ଅମ୍ବୁ, ପୟଃ, ପାନୀୟ, ମେଘପୁଷ୍ପ, ଘନରସ, ଶମ୍ବର, ଉଦକ

ଝରଣା - ଝର, ନିଝଁର, ନିଝଁରିଣୀ, ପ୍ରସ୍ରବଣ

ନଦୀ - ଶୈବଳିନୀ, ନଈ, ସରିତ, ତଟିନୀ, ନିମ୍ନଗା, ସ୍ରୋତସ୍ୱିନୀ, ତରଙ୍ଗିଣୀ, ପୟସ୍ୱିନୀ, ଆପଗା

181. ସନ୍ତୋଷର ତ -------ସେ ଦିଲ୍ଲୀ ଯାଇପାରିବ | ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

A. ଆଖି ଛୁଇଁଲାଣି

B. ଆଖି ରଖିଲାଣି

C. ଆଖି ପାଇଲାଣି

D. ଆଖି ମରିଲାଣି

Answer-C

182. ନିମ୍ନଲିଖିତ ମଧ୍ୟରୁ କେଉଁ ବାକ୍ୟଟି ସଠିକ୍ ?

A. ସେମାନେ ଏବେବି ମଧ୍ୟ ଭଗବାନଙ୍କୁ ବିଶ୍ୱାସ କରନ୍ତି ନାହିଁ।

B. ସେମାନେ ଏବେ ମଧ୍ୟ ଭଗବାନଙ୍କୁ ବିଶ୍ୱାସ କରନ୍ତି ନାହିଁ।

C. ସେମାନେ ଏବେ ମଧ୍ୟ ଭଗବାନଙ୍କୁ ବିସ୍ୱାଶ କରନ୍ତି ନାହିଁ।

D. ସେମାନେ ସବୁ ଏବେବି ଭଗବାନଙ୍କୁ ବିଶ୍ୱାସ କରନ୍ତି ନାହିଁ।

Answer-B

183. ଖାଦ୍ୟପଦାର୍ଥର ସ୍ୱାଦୁ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ରେଖାଙ୍କିତ ପଦଟିରେ କେଉଁ ବିଭକ୍ତି ହୋଇଛି ?

A. ଦ୍ୱିତୀୟା

B. ଚତୁର୍ଥୀ

C. ପ୍ରଥମା

D. ତୃତୀୟା

Answer-C

184. କେଉଁ ପ୍ରତିଶବ୍ଦ ଯୋଡାଟି ଠିକ

A. ନୃପତି – ନର

B. ଲକ୍ଷ୍ମୀ – ଅମ୍ବିକା

C. ରିପୁ – ବୈରୀ

D. କୁଣ୍ଡଳୀ – ମିହିର

Answer-C

185. ଗୋଡ଼ ବୋଇଲେ ହାତ ବୋଲ କରିବା । ଅର୍ଥ କଣ ?

A. କଥା ଭଲରେ ନ ବୁଝିବା

B. ଅତିଦୁଷ୍ଟ

C. ଅପ ପ୍ରଚାର କରିବା

D. ଯେଉଁ କାମ କରିବା କଥା ନ କରି ଅନ୍ୟ କାମ କରିବା

Answer-B

186. ପିଲାଟି ଚରଗଛରେ ଅଗ୍ନି ସିଞ୍ଚନ କରୁଅଛି | ଏଠାରେ କାହାର ଅଭାବ ଅଛି ?

A. ପ୍ରତିପାଦିକ

B. ଯୋଗ୍ୟତା

C. ଆକାଂକ୍ଷା

D. ଆସତ୍ତି

Answer-B

187. ରାମଙ୍କ ଦ୍ୱାରା ରାବଣ ନିହତନ ହେଲା । ବାକ୍ୟରେ ଥିବା 'ରାବଣ' କେଉଁ ବିଭକ୍ତି ?

A. ପଞ୍ଚମୀ

B. ଚତୁର୍ଥୀ

C. ଷଷ୍ଠୀ

D. ପ୍ରଥମା

Subhasis Sir

Answer-D

188. ବାଆକୁ ବତା । ବାକ୍ୟରେ ଥିବା 'ବାଆକୁ' କେଉଁ ବିଭକ୍ତି ?

A. ଦ୍ୱିତୀୟା

B. ପ୍ରଥମା

C. ସପ୍ତମୀ

D. ଚତୁର୍ଥୀ

Answer-D

189. କବିଙ୍କର ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ ରହିଛି |
ରେଖାଙ୍କିତ ପଦଟି କେଉଁ ପ୍ରକାର ଅବୟ ?

A. ବିଭକ୍ତିସୂଚକ

B. ସାଦୃଶ୍ୟବୋଧକ

C. ଶବ୍ଦନୁକାରୀ

D. ପଦାନ୍ୱୟୀ

Answer-D

ସମ୍ମତିସୂଚକ ଅବ୍ୟୟ : ହଁ,ଆଜ୍ଞା ,ଅବଶ୍ୟ ,ନିତାନ୍ତ ,ଉଁ,ହଉ,ହେଲା,ହେଲାତ,ସିନା,ଆଚ୍ଛା

ସାଦୃଶ୍ୟବୋଧକ ଅବ୍ୟୟ : ସରି,ପରିକା,ସେପରି,ଯଥା,ତଥା,ପରି

ପଦାନ୍ୱୟୀ ଅବ୍ୟୟ : ବିନା,ପ୍ରତି ,ଅପେକ୍ଷା,ସହିତ ,ପରି ,ତୁଲ୍ୟ ,ପର୍ଯ୍ୟନ୍ତ ,ନିମିତ୍ତ ,ଅବଧି ,ବାବଦ ,ଛଡା

190. ପ୍ରଶ୍ନସୂଚକ ବାକ୍ୟରେ ପରିଣତ କର
ଅଚିହ୍ନା ଲୋକକୁ ଘରେ ପୁରାଇବା ଭୁଲ

A. ଅଚିହ୍ନା ଲୋକକୁ ପୁଣି ଘରେ ଆଶ୍ରୟ ?

B. ଅଚିହ୍ନା ଲୋକକୁ କଣ ଘରେ ପୁରାଯାଏ ?

C. ଅଚିହ୍ନା ଲୋକକୁ କିଏ ଘରେ ପୁରାଇଲା ?

D. ତମେ କେଉଁ ଲୋକକୁ ଘରେ ପୁରାଇଲ ?

Answer-B

191. ଆଜି ଆମେ ଯଦି ପଛକୁ ଫେରି ଦେଖିବା ତେବେ ଦେଶ ସ୍ୱାଧୀନ ହେବା ସମୟରେ ଦେଶର ଜନ ସଂଖ୍ୟା ପାଖାପାଖି ୩୫ କୋଟି ଥିଲା; କିନ୍ତୁ ଭାରତର ସବୁ ଲୋକଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ଦେଶରେ ଯଥେଷ୍ଟ ଉତ୍ପାଦନ ହେଉନଥିଲା । ଏହା କେଉଁ ପ୍ରକାର ବାକ୍ୟ

A. ସରଳ

B. ଜଟିଳ

C. ଯୌଗିକ

D. ମିଶ୍ର

Answer-D

192. ନିମ୍ନଲିଖିତ ମଧ୍ୟରୁ କେଉଁଟି ଠିକ

A. ସାଧୁ + ଉପଦେଶ = ସାଧୁପଦେଶ

B. ପଞ୍ଚ + ଇନ୍ଦ୍ରିୟ = ପଞ୍ଚେନ୍ଦ୍ରିୟ

C. ଲମ୍ବା + ଉଦର = ଲମ୍ବୋଦର

D. ଥରେ + ଏକ = ଥରେକ

Answer-D

ODIA MARATHON MAY 30

193. ପିତାମହ ଭୀଷ୍ମଙ୍କର ବିରଳ ବାର୍ଦ୍ଧକ୍ୟ ଭିତରେ ଶତଶତ ଅସାମାନ୍ୟ ଅଭିମନ୍ୟୁମାନଙ୍କର ଯୌବନର ଯୁଦ୍ଧଶୈଳୀ ଜମାଟ ବାନ୍ଧିଥିଲା । ରେଖାଙ୍କିତ ପଦଦ୍ୱୟ କେଉଁ ବିଶେଷ୍ୟ ସ୍ଥିର କର ?

A. କ୍ରିୟା

B. ଜାତି

C. ଗୁଣ

D. ବ୍ୟକ୍ତି

Answer-B

194. ଯେଉଁ ଅତୀତର ଅନ୍ୟ ନାମ ମୃତ୍ୟୁ, ସେହି ଅଲୋଡ଼ା ଅତୀତ ସହିତ ମୋର ଦୀର୍ଘକାଳର ସମ୍ପୃକ୍ତି ରେଖାଙ୍କିତ ପଦଟିର ସର୍ବନାମ ନିର୍ଣ୍ଣୟ କର ?

A. ନିର୍ଦ୍ଦେଶାତ୍ମକ

B. ନିର୍ଣ୍ଣାୟକ

C. ଆପେକ୍ଷିକ

D. ଆତ୍ମବାଚକ

Answer-B

195. ଯେ ଦେଶ କଥା ଚିନ୍ତା କରେ ସେ ସ୍ୱାର୍ଥପର ହୁଏ ନାହିଁ । ରେଖାଙ୍କିତ ଶବ୍ଦ ଦ୍ୱୟ ର ସର୍ବନାମ ସ୍ଥିର କର ?

A. ଆପେକ୍ଷିକ

B. ପୁରୁଷ ବାଚକ

C. ନିର୍ଦ୍ଦେଶାତ୍ମକ

D. ଆତ୍ମବାଚକ

Answer-A

196. ବର୍ଷା କାଳୀନ ପଲ୍ଲୀ ର ଦୃଶ୍ୟ ଅତ୍ୟନ୍ତ ମନୋରମ' । ରେଖାଙ୍କିତ " ପଦଟିର ବିଶେଷଣ ନିର୍ଣ୍ଣୟ କର ?

A. କ୍ରିୟା ବିଶେଷଣ

B. ବିଶେଷଣର ବିଶେଷଣ

C. କ୍ରିୟାଜ ବିଶେଷଣ

D. ସର୍ବନାମ ର ବିଶେଷଣ

Answer-B

197. ରୋଗୀଟି ବାରମ୍ବାର ପାଣି ପିଉଛି । ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର ?

A. କ୍ରିୟାଜ ବିଶେଷଣ

B. କ୍ରିୟା ବିଶେସଣ ର ବିଶେଷଣ

C. କ୍ରିୟା ବିଶେଷଣ

D. ବିଶେଷଣର ବିଶେଷଣ

Answer-C

198. କେମିତି ମଜା ? ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର ।

A. ସର୍ବନାମର ବିଶେଷଣ

B. ସର୍ବନାମିକ ବିଶେଷଣ

C. ପ୍ରଶ୍ନବାଚକ ବିଶେଷଣ

Subhasis Sir

D. ବିଧେୟ ବିଶେଷଣ

Answer-B

199. ସେ ଆସିଥିଲେ ଭଲ ହୋଇଥାନ୍ତା। ରେଖାଙ୍କିତ ପଦଟି କେଉଁ କ୍ରିୟା ନିର୍ଣ୍ଣୟ କର ?

A. ସମାପିକା

B. ଅସମାପିକା

C. ନାମଧାତୁ କ୍ରିୟା

D. ପ୍ରେରଣାର୍ଥକ

Answer-B

200. ସେ କଟକ ଗଲେ ଦୂରଦର୍ଶନ କେନ୍ଦ୍ରକୁ ଯିବ । ରେଖାଙ୍କିତ ଅସମାପିକା କ୍ରିୟାଟି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ସୂଚାଅ ?

A. ହେତୁ କାରଣ ବୁଝାଇଲେ

B. ଗୋଟିଏ କାର୍ଯ୍ୟ ଅନ୍ୟକାର୍ଯ୍ୟ ଉପରେ ନିର୍ଭର କରୁଥିଲେ

C. ଗୋଟିଏ କାର୍ଯ୍ୟ ଫଳରୁ ଅନ୍ୟଟି ଘଟିଲେ

D. ଦୁଇଟି କାର୍ଯ୍ୟ ଏକ ସମୟରେ ହେଉଥିଲେ

Answer-B

201. ପରୀକ୍ଷା ସରିଯାଇଥିବାରୁ, ପିଲାଟି ନିଶ୍ଚିନ୍ତରେ ଶୋଇଛି । ରେଖାଙ୍କିତ କ୍ରିୟା ପଦଟି କେଉଁ ଶ୍ରେଣୀର ନିଶ୍ଚୟ କର ?

A. ସକର୍ମକ

B. ଅକର୍ମକ

C. ଦ୍ବିକର୍ମକ

D. ନାମଧାତୁ

Answer-B

202. ତାହାଙ୍କ ଠାରୁ ମୋର କିଛି ପ୍ରାପ୍ୟ ଅଛି । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ?

A. ପଦାନ୍ୱୟୀ

B. ବିଭକ୍ତି ସୁଚକ

C. ଭାବବୋଧକ

D. ପ୍ରଶ୍ନସୂଚକ

Answer-B

203. ଆଜିକାଲି ପ୍ରାୟ ସବୁଲୋକ ନିଜ ସ୍ୱାର୍ଥ ପାଇଁ ଧାଉଁଛନ୍ତି । ରେଖାଙ୍କିତ ପଦଟି କେଉଁ ଶ୍ରେଣୀର ଅବ୍ୟୟ ସ୍ଥିର କର ?

A. ହେତୁବୋଧକ

B. ସାଦୃଶ୍ୟ ବୋଧକ

C. ବିପ୍ସାର୍ଥକ

D. ଭାବବାଚକ

Answer-B

204. ତୁମେ ସାର୍ଟକୁ କନା କିଣିଲଣି । ରେଖାଙ୍କିତ ପଦଟି କେଉଁ ବିଭକ୍ତି ହୋଇଛି ଚିହ୍ନାଅ ।

A. ଦ୍ୱିତୀୟା

B. ଚତୁର୍ଥୀ

C. ତୃତୀୟା

D. ପ୍ରଥମା

Answer-B

205. କେଉଁଟି ଠିକ

A. ବଦ + ଅଭ୍ୟାସ = ବଦାଭ୍ୟାସ

B. ପୌ + ଇତ୍ର = ପବିତ୍ର

C. ଚାରି + ଅଣା = ଚାରେଣା

D. ସଦ + ଧନ = ସଦ୍ଧନ

Answer-C

206. 'ଶୋକାବହ' ର ସନ୍ଧି ବିଚ୍ଛେଦ ନିର୍ଣ୍ଣୟ କର ?

A. ଶୋକଃ + ଆବହ

B. ଶୋକ + ଆବହ

C. ଶୋକା + ବହ

D. ଶୋକାଃ + ଆବହ

Answer-B

207. 'ଶଂଖହସ୍ତ' କେଉଁ ସମାସ ସୂଚାଅ ?

A. ଦ୍ବିଗୁ

B. ତତ୍‌ପୁରୁଷ

C. କର୍ମଧାରୟ

D. ବହୁବ୍ରୀହି

Answer-D

208. "ରାନ୍ଧୁଥିଲି" କ୍ରିୟାପଦରେ "ଇ" -------- ସୂଚକ

A. ପୁରୁଷ

B. ବଚନ

C. କେଉଁଟି ନୁହେଁ

D. ପୁରୁଷ ଓ ବଚନD

Answer-

209. କେଉଁ ରୂଢିଟି ପ୍ରତିଶୋଧ ନେବା ଅର୍ଥରେ ପ୍ରଚଳିତ ?

A. ରକ୍ତ ଚାଉଳ ଚୋବାଇବା

B. ଅକସ ରଖିବା

C. ଖାଲରେ ପକାଇବା

D. ଦାଉ ସାଧିବା

Answer-D

210. ସ୍ୱାଧୀନତା ସଂଗ୍ରାମୀ ମାନେ ଆନ୍ଦୋଳନ ପାଇଁ ଡାକରା ଦେଲେ | ରେଖାଙ୍କିତ ପଦଟି କେଉଁ ପ୍ରକାର ବିଶେଷ୍ୟ ?

A. ଜାତିବାଚକ

B. ଗୁଣବାଚକ

C. ବସ୍ତୁବାଚକ

D. କ୍ରିୟାବାଚକ

Answer-D

211. ନିମ୍ନ ରେ ଦିଆ ଯାଇଥିବା କ୍ରିୟା ପଦ ମଧ୍ୟରୁ କେଉଁଟି ଅସମ୍ପନ୍ନ ସୂଚକ କ୍ରିୟା ଅଟେ ?

A. ପଢୁ

Subhasis Sir

B. କହି
C. ଖେଳି
D. ନାଚି
Answer-A

212. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୁଦ୍ଧ ଶବ୍ଦ ?
A. ସର୍ବୋଷଧି , ସୂର୍ଯ୍ୟପରାଗ
B. ନିର୍ଲଜ, ନୀଚ
C. ପର୍ବାଣି, ତଦ୍ରୁପ
D. ନିର୍ଲୋଭୀ, ଜଳାନ୍ତକ
Answer-C

213. ନିମ୍ନଲିଖିତ ମଧ୍ୟରୁ କେଉଁଟି ସର ର ପ୍ରତିଶବ୍ଦ ଅଟେ ?
A. ଏକନାମ
B. ଲମ୍ବୋଷ୍ଠ
C. ଅପର୍ଣା
D. କାସାର
Answer-D

ଏକନାମ -ଅସିତ, କଳାବର୍ଣ୍ଣ, ନୀଳଶ୍ୟାମଳ, ମୁରଲିଧର, ଶ୍ୟାମ, କୃଷ୍ଣ
ଲମ୍ବୋଷ୍ଠ -ଓଟ, କୁବ୍ଜଦେହ, ମରୁପ୍ରିୟ
ଅପର୍ଣା -ଦୁର୍ଗା, ଉମା, ଗୌରୀ, ଶିବା, ଭବାନୀ, ଅଭୟା, ଶିବାନୀ, ଇଶାନୀ
କାସାର -ସର, ପୋଖରୀ, ପୁଷ୍କରିଣୀ, ସରସୀ, ସରୋବର, ତଡାଗ

214. ଶନିବାର ଦିନ ଆମ ଘରେ ଭୋଜି ହୋଇଥିବ । ଏହା କେଉଁ କାଳରେ ଅଛି
A. ବର୍ତ୍ତମାନ
B. ଭବିଷ୍ୟତ
C. ଅତୀତ
D. ସମ୍ପୂର୍ଣ ବର୍ତ୍ତମାନ
Answer-C

215. ଉତ୍ପନ୍ନ ଦୃଷ୍ଟିରୁ ଧାତୁ କେତେ ପ୍ରକାର
A. ୨
B. ୪
C. ୬
D. ୭
Answer-A



216. ପୂର୍ବକାଳରେ ଲୋକମାନେ ଗଛ ତଳେ ରହୁଥିଲେ। ବାକ୍ୟଟିରେ କର୍ମ କିଏ ?
A. ଗଛ
B. ଲୋକମାନେ
C. ପୂର୍ବକାଳରେ
D. ବାକ୍ୟଟିରେ କର୍ମ ନାହିଁ
Answer-D

Subhasis Sir

ଓଡ଼ିଆ ବ୍ୟାକରଣ ମାରାଥନ JUNE 4

1. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭିନ୍ନ ?

A. ତ୍ରିଲୋଚନ

B. ଚତୁପଦୀ

C. ତ୍ରିଫଳା

D. ସପ୍ତାହ

Answer-A

2. ଗୋରୁ ଘରକୁ ବହୁଡ଼ିଲେ। ରେଖାଙ୍କିତ ପଦଟି ଏକ କେଉଁ କ୍ରିୟା ?

A. ଅକର୍ମକ

B. ସକର୍ମକ

C. ଦ୍ୱିକର୍ମକ

D. ମିଶ୍ର

Answer-B

3. ଐତିହାସିକ --------

A. କିର୍ତ୍ତୀ

B. କୀର୍ତି

C. କୀର୍ତ୍ତି

D. କିର୍ତ୍ତି

Answer-C

4. _____ ଏକ ସମ୍ପନ୍ନ ଅତୀତ କାଳ ର କ୍ରିୟା

A. ପାଳିଥିଲା

B. ପାଳିଥିବ

C. ପାଳିଲା

D. ପାଳୁଥିଲା

Answer-A

5. କରଛଡା - ରୂଢିର ଅର୍ଥ କଣ ?

A. କର ଛାଡ କରିବା

B. ଅନ୍ୟକୁ ଦାୟିତ୍ୱ ଦେବା

C. ଦାୟିତ୍ୱ ନ ନେବା

D. କର ନ ଦେବା

Answer-C

6. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭିନ୍ନ ?

A. ବୀଣା

B. ରାଗିଣୀ

C. ବାଦ୍ୟ ଯନ୍ତ୍ର

D. ତବଲା

Answer-C

7. ଉପଯୁକ୍ତ ଅର୍ଥରେ କେଉଁ ବିଭକ୍ତି ହୁଏ ?

A. ତୃତୀୟା

B. ଦ୍ୱିତୀୟା

C. ପଞ୍ଚମୀ

D. ପ୍ର ଥମା

Answer-B

8. ସେହି ଗାଁର ସବୁ ମହିଳା ସାକ୍ଷର | ରେଖାଙ୍କିତ ପଦଟି କେଉଁ ବିଶେଷଣ ?

A. ସର୍ବନାମର ବିଶେଷଣ

B. ସମ୍ବନ୍ଧବାଚକ ବିଶେଷଣ

C. ସାର୍ବନାମିକ ବିଶେଷଣ

D. ବିଧେୟ ବିଶେଷଣ

Answer-C

9. ବାକ୍ୟର କର୍ତ୍ତା ବିଷୟରେ ଯାହା କୁହାଯାଏ ତାକୁ କଣ କୁହାଯାଏ

A. ଉଦ୍ଦେଶ୍ୟ

B. ବିଧେୟ

C. ଯୋଗ୍ୟତା

D. ଆକାଂକ୍ଷା

Answer-B

10. ଜହ୍ନମଞ୍ଜି - ରୂଢି ର ଅର୍ଥ କଣ ?

A. ଅତି ଧଳା

B. ଅତି କଳା

C. ଅସ୍ପଷ୍ଟ

D. ଅତି ସୂକ୍ଷ୍ମ

Answer-B

11. ସେଠାରେ ହଇଜା ଲାଗିଛି ସୁତରାଂ ସେଠାକୁ ଯିବା ଉଚିତ ନୁହେଁ – ରେଖାଙ୍କିତ ପଦଟି କେଉଁ ଅବ୍ୟୟ ?

A. ହେତୁ ବୋଧକ ଅବ୍ୟୟ

B. ଭାବବାଚକ ଅବ୍ୟୟ

C. ବିକଳ୍ପାର୍ଥକ ଅବ୍ୟୟ

D. ବିପସାର୍ଥକ ଅବ୍ୟୟ

Answer-A

12. ନରେଶ ଦୁଷ୍ଟ କିନ୍ତୁ ସୁରେଶ ସେପରି ନୁହେଁ- ଏ ବାକ୍ୟରେ ସେପରି ଏକ ------ ଏବଂ ------ ପରିବର୍ତ୍ତେ ବ୍ୟବହୃତ ହୋଇଛି ?

A. ସର୍ବନାମ,ବିଶେଷ୍ୟ

B. ବିଶେଷଣ,ସର୍ବନାମ

Subhasis Sir

C. ସର୍ବନାମ,ବିଶେଷଣ

D. ଅବ୍ୟୟ,ବିଶେଷଣ

Answer-C

13. ଅତୀତ

A. ଅତୀ + ଈତ

B. ଅତି + ଈତ

C. ଅତୀ + ଇତ

D. ଅତି + ଇତ

Answer-D

14. ସମୁଦ୍ରଗୁପ୍ତଙ୍କୁ ଭାରତର ନେପୋଲିଆନ କୁହାଯାଏ | ରେଖାଙ୍କିତ ପଦଟି କି ପ୍ରକାର ବିଶେଷ୍ୟ ?

A. ବସ୍ତୁବାଚକ

B. ଗୁଣବାଚକ

C. ଜାତିବାଚକ

D. ବ୍ୟକ୍ତିବାଚକ

Answer-D

15. ଅଷ୍ଟାଦଶ, ଉନବିଂଶ ଶତାବ୍ଦୀବେଳକୁ ସମଗ୍ର ଭାରତବର୍ଷରେ ମହୀପତି'ମାନଙ୍କର ସଂଖ୍ୟା ଅସଂଖ୍ୟ ରୂପ ଧାରଣ କରିଥିଲା । ରେଖାଙ୍କିତ ପଦ ନିମ୍ନଲିଖିତ ମଧ୍ୟରୁ କାହାକୁ ସୂଚିତ କରୁନାହିଁ

A. ଭୂପ

B. ଭୂପାଳ

C. ନରେନ୍ଦ୍ର

D. ଦୂରଦର୍ଶୀ

Answer-D

16. ଇଂରେଜମାନଙ୍କର ଏହି ଭୂଖଣ୍ଡକୁ ଆସିବାର ଆବଶ୍ୟକତା ଥିଲା । ରେଖାଙ୍କିତ ପଦଟି ଏକ ----- ନିର୍ଦ୍ଦେଶାତ୍ମକ ସର୍ବନାମ

A. ନିକଟ

B. ଦୂର

C. ନିର୍ଣ୍ଣାୟକ

D. ନିଶ୍ଚିତ

Answer-A



୪.୫.୨.୨ ନିର୍ଦ୍ଦେଶବାଚକ ସର୍ବନାମ :

ତଳ ଉଦାହରଣ ୨ଟିକୁ ଦେଖିବା :

- ମଦନ ଯାହା ଯେମିତି ଦେଖିଲା, ତାହା ସେମିତି କହିଲା ।
- ଏଇ ହିଁ ସେଇ ହଇଲା ମୂର୍ତ୍ତି ।

ବାକ୍ୟ ଦୁଇଟିରେ ଥିବା "ଯାହା, ଯେମିତି, ତାହା, ସେମିତି, ଏଇ, ସେଇ" ଇତ୍ୟାଦି ସର୍ବନାମ ପଦଗୁଡ଼ିକ ଅନ୍ୟ ବିଶେଷ୍ୟପଦକୁ ନିର୍ଦ୍ଦେଶ କରୁଛି । ଏଗୁଡ଼ିକ ବସିବା ଦ୍ୱାରା ବାକ୍ୟଟି ଦୂର ଅଥବା ନିକଟ ସମ୍ବନ୍ଧ ଭିତିରେ ଭାବାର୍ଥ ପ୍ରକାଶ କରୁଛି । ସୁତରାଂ -

'ବିଶେଷ୍ୟ ପଦର ବିକଳ୍ପରେ ଦୂର ଓ ନିକଟ ନିର୍ଦ୍ଦେଶସୂଚକ ହୋଇ କାର୍ଯ୍ୟ କରୁଥିବା ସର୍ବନାମ ପଦକୁ ନିର୍ଦ୍ଦେଶ ବାଚକ ସର୍ବନାମ କୁହାଯାଏ ।'

ଆସ ମନେରଖିବା : ଆମ ଭାଷା ଓଡ଼ିଆରେ ଦୂର ଓ ନିକଟ ନିର୍ଦ୍ଦେଶାତ୍ମକ ହୋଇ ସର୍ବନାମ ପଦ ବ୍ୟବହୃତ ହୋଇଥାଏ । ଯଥା :

ଦୂର ନିର୍ଦ୍ଦେଶବାଚକ ସର୍ବନାମ - ସେଇଟା, ସେଇ, ସେହି, ତା, ସିଏ, ସେହିଗୁଡ଼ିକ, ସେଗୁଡ଼ିକ, ତାହାର.. ଇତ୍ୟାଦି ।

ନିକଟ ନିର୍ଦ୍ଦେଶାତ୍ମକ ସର୍ବନାମ - ଏ, ଏହା, ଇଏ, ଯେ, ଏହାର, ଏଗୁଡ଼ିକ, ଏହିଗୁଡ଼ିକ... ଇତ୍ୟାଦି ।

17. କ୍ରମଶଃ ଶୃଙ୍ଖଳିତ ଧାରାକୁ ବିଶୃଙ୍ଖଳ କରିବା ପାଇଁ ସ୍ୱାର୍ଥର ମଞ୍ଜି ପୋତୁଥିଲେ । ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ବିଶେଷଣ ପଦ

A. କ୍ରମଶଃ

B. ସ୍ୱାର୍ଥ

C. ଶୃଙ୍ଖଳିତ

D. ବିଶୃଙ୍ଖଳ

Answer-C

18. ନରସିଂହ ପ୍ରହରାଜଙ୍କ ସତରଗୋଟି ଝିଅପୁଅଙ୍କ ମଧ୍ୟରୁ ଗୋପାଳଚନ୍ଦ୍ର ପ୍ରହରାଜ ବଡ଼ ପୁଅର ଦ୍ୱିତୀୟ ସନ୍ତାନ ଅଟନ୍ତି । ବାକ୍ୟରେ ବ୍ୟବହୃତ ଉଦ୍ଦେଶ୍ୟକୁ ଚିହ୍ନାଇ ଦିଅ |

A. ନରସିଂହ ପ୍ରହରାଜ

B. ଗୋପାଳଚନ୍ଦ୍ର ପ୍ରହରାଜ

C. ବଡ଼ ପୁଅ

D. ସତରଗୋଟି ଝିଅପୁଅ

Answer-B

19. ଆବରଣ ମଣିଷର ବ୍ୟକ୍ତିତ୍ୱ ଓ ପରିଚୟ ପ୍ରଚାରର ଗୋଟିଏ ମାଧ୍ୟମ । ଏହା ଏକ ------- ବାକ୍ୟ ଅଟେ

A. ସରଳ

B. ଯୋଗିକ

C. ଜଟିଳ

D. ମିଶ୍ର

Answer-A

20. ନିମ୍ନଲିଖିତ ମଧ୍ୟରୁ କେଉଁ ଯୋଡାଟି ଠିକ

A. ମାନ୍ୟଗଣ୍ୟ, ପୁଷ୍କରଣୀ

B. ସମ୍ବେଦନଶୀଳ,ସାଣ୍ଟାଷିକ

C. ଅନୀଷ୍ଟ,ମନୀଷୀଗଣ

D. ନରହଙ୍କାର,ମହୀୟସୀ

Answer-D

21. ନିମ୍ନଲିଖିତ ମଧ୍ୟରୁ କେଉଁଟି ଠିକ

A. ଆଗରେ ଯେ ଯାଏ : ଅଗ୍ରସର

B. ଅନେକଙ୍କ ମଧ୍ୟରେ କ୍ଷୁଦ୍ର : କ୍ଷୁଦ୍ରତର

C. ବନର ପତି : ବନସ୍ପତି

D. ହତ ହୋଇଅଛି ଆଶା ଯାହାର ସେ : ହତାଭାଗ୍ୟ

Answer-C

22. ସମାସବାକ୍ୟ କାହାକୁ କୁହାଯାଏ ?

A. ଯେଉଁ ପଦ ବିନାଶକୁ ବିରତି ଚିହ୍ନରେ ଶୃଙ୍ଖଳିତ କରାଯାଏ ।

B. ଯେଉଁ ବାକ୍ୟରେ ସମାସର ଅବକାଶ ନ ଥାଏ ।

C. ଯେଉଁଠି ବାକ୍ୟରେ ଅଧିକ ସନ୍ଧିର ସଂଭାବନା ଥାଏ ।

D. ଯେଉଁ ବିସ୍ତୃତ ଉକ୍ତିକୁ ସମାସରେ ସଂକ୍ଷିପ୍ତ କରାଯାଏ ।

Answer-D

23. ନିମ୍ନଲିଖିତ ମଧ୍ୟରୁ କେଉଁଟି ଠିକ

A. ସ୍ୱ + ଅଳ୍ପ = ସ୍ୱଳ୍ପ

B. ଗୋ + ପଦ = ଗୋଷ୍ପଦ

C. ଧନୁଃ + ରାଶି = ଧନୁରାଶି

D. ପରିଃ + କାର = ପରିଷ୍କାର

Answer-B

24. ବିସର୍ଗ ପରେ 'ଟ' ଥିଲେ ବିସର୍ଗ ସ୍ଥାନରେ --------ହୁଏ ।

A. 'ଷ୍'

B. ଚ

C. ଠ

D. ତ

Answer-A

ଓଡ଼ିଆ ବ୍ୟାକରଣ ମାରାଥନ JUNE 5

25. "ନିଷ୍ଠା ରଖି କାମ କର" । ଉକ୍ତ ବାକ୍ୟରେ କେଉଁ କର୍ତ୍ତାରେ ପ୍ରୟୋଗ ହୋଇଛି ନିର୍ଣ୍ଣୟ କର ।

A. ମୁଖ୍ୟ କର୍ତ୍ତା

B. ପ୍ରଯୋଜକ କର୍ତ୍ତା

C. ପ୍ରଯୋଜ୍ୟ କର୍ତ୍ତା

D. ଉହ୍ୟ କର୍ତ୍ତା

Answer-D

26. ଆପଣ ମୋ ଠାରୁ କେଉଁ ସାହାଯ୍ୟ ଚାହାନ୍ତି । ରେଖାଙ୍କିତ ପଦଟି କେଉଁ ପୁରୁଷ ସ୍ଥିର କର ।

A. ପ୍ରଥମ ପୁରୁଷ

B. ଦ୍ୱିତୀୟ ପୁରୁଷ

C. ତୃତୀୟ ପୁରୁଷ

D. କୌଣସି ବି ପୁରୁଷ ନୁହେଁ

Answer-B

27. ଅସଙ୍ଗତ ପଦକୁ ପୃଥକ କର ।

A. ଦୁଃଖ

B. ବାର୍ଦ୍ଧକ୍ୟ

C. କ୍ରନ୍ଦନ

D. ଦୁଷ୍ଟାମି

Answer-C

28. ଏ ସଂସାରରେ ମାୟାର ଜାଲ ଚାରିଆଡେ ବିଛେଇ ହୋଇଅଛି । ରେଖାଙ୍କିତ ପଦଟିର ପ୍ରୟୋଗ ଷଷ୍ଠୀ ବିଭକ୍ତି କେଉଁ ଅର୍ଥରୁ ହୋଇଛି ନିର୍ଣ୍ଣୟ କର ।

A. ବିଶେଷଣ ସମ୍ବନ୍ଧ

B. କାରକ ସମ୍ବନ୍ଧ

C. ରୂପକ ସମ୍ବନ୍ଧ

D. ନିର୍ଦ୍ଧାରଣ ସମ୍ବନ୍ଧ

Answer-C

29. ଝିଅଟିର ନାଚରେ ଦର୍ଶକ ମୁଗ୍ଧ ହେଲେ । ରେଖାଙ୍କିତ ପଦଟିର ପ୍ରୟୋଗ ଷଷ୍ଠୀ ବିଭକ୍ତି କେଉଁ ଅର୍ଥରେ ହୋଇଛି ସୂଚାଅ ।

A. କାରକ ସମ୍ବନ୍ଧ

B. ବିଶେଷଣ ସମ୍ବନ୍ଧ

C. ନିର୍ଦ୍ଧାରଣ ସମ୍ବନ୍ଧ

D. ବ୍ୟାପ୍ତି ସମ୍ବନ୍ଧ

Answer-A

30. 'ଜୀବିତ' : - ଏହାର ଗଠନରୀତି କଣ ହବ ?

A. ଜୀବ + ଇତ

B. ଜୀବ + ତ

C. ଜୀବ – ଇନ + ତ

D. ଜି + ତ

Answer-B

31. ମୁମୂର୍ଷୁ ଅବସ୍ଥାରେ ପଡିଥିବା କର୍କଟ ରୋଗୀଟି ସତେକ'ଣ ବଞ୍ଚିବ ନା ------ !

A. ଆଡ ଆଖିରେ ନ ଚାହିଁବ

B. ଆଖି ଖୋଲିବ

C. ଜଡ ପାଲଟିଯିବ

D. ଉଷୁନାଧାନ ଗଜାହେବ

Answer-D

32. ସେଠାରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଥିଲେ । ଉକ୍ତ ବାକ୍ୟର କ୍ରିୟାର କାଳ ନିରୂପଣ କର ।

A. ସାଧାରଣ ଅତୀତ

B. ଅସମ୍ପନ୍ନ ଅତୀତ

C. ସମ୍ପନ୍ନ ଅତୀତ

D. ସାଧାରଣ ବର୍ତମାନ

Answer-B

33. ପାରାଗୁଡିକ ଫର୍‌ଫର୍‌ ହୋଇ ଉଡିଗଲେ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ।

A. ଆଳଙ୍କାରିକ

B. ଶବ୍ଦାନୁକାରୀ

C. କାଳସୂଚକ

D. ବୀପ୍‌ସାର୍ଥକ

Answer-B

34. " ସତ୍ୟବାଦୀ" କେଉଁ ସମାସ ନିର୍ଣ୍ଣୟ କର ।

A. ସପ୍ତମୀ ତତ୍‌ପୁରୁଷ ସମାସ

B. ଉପପଦ ତତ୍‌ପୁରୁଷ ସମାସ

C. ଅଲୁକ୍‌ ସମାସ

D. କର୍ମଧାରୟ ସମାସ

Answer-B

35. ସାରଳାଦାସଙ୍କୁ ଓଡିଶାର ବାଲ୍ମୀକି କୁହାଯାଏ । ରେଖାଙ୍କିତ ପଦଟିର ବିଶେଷ୍ୟ ସ୍ଥିର କର ।

A. ନାମ

B. ଜାତି

C. ବସ୍ତୁ

D. ଗୁଣ

Answer-B

36. ଅଜ୍ଞତା କ୍ଷମଣୀୟ; ମାତ୍ର ଔଦ୍ଧତ୍ୟ କ୍ଷମଣୀୟ ନହେଁ ।
ରେଖାଙ୍କିତ ପଦଦ୍ୱୟ କେଉଁ ବିଶେଷ୍ୟ ସ୍ଥିର କର ।

A. ଜାତି

B. ଗୁଣ

C. ବ୍ୟକ୍ତି

D. କ୍ରିୟା

Answer-B

37. ଯେଉଁମାନେ ଖର୍ଚ୍ଚର ହିସାବ ରଖନ୍ତି ସେମାନେ କେବେ ବି ଅଭାବଗ୍ରସ୍ତ ହୁଅନ୍ତି ନାହିଁ । ରେଖାଙ୍କିତ ପଦଦ୍ୱୟ କେଉଁ ସର୍ବନାମ ନିର୍ଣ୍ଣୟ କର ।

A. ନିର୍ଣ୍ଣାୟକ

B. ନିର୍ଦ୍ଦେଶାତ୍ମକ

C. ଆପେକ୍ଷିକ

D. ସମୁଚ୍ଚୟୀ

Answer-C

38. "ଗୋଡ଼ରୁ ପାଣି ମରିଯିବା" ରୂଢ଼ିଟିର ଉପଯୁକ୍ତ ଅର୍ଥ ନିଶ୍ଚୟ କର ?

A. ଦଉଡ଼ିବା

B. ଥକିଯିବା

C. ହାଲିଆ ହୋଇବସିପଡ଼ିବା

D. ନେହୁରା ହେବା

Answer-B

ଗୋଡ଼ଟାଣିବା

ଗୋଡ଼ ଟେକି ବସିବା

ଗୋଡ଼ ତଳେ ନ ପଡ଼ିବା

ଗୋଡ଼ହାତ ଧରିବା

ଗୋଡ଼ ବୋଇଲେ ହାତ ବୋଲ କରିବା

ହଲିଲା ପାଣିରେ ଗୋଡ଼ ନ ଦେବା

ଦୁଇ ନାଆରେ ଗୋଡ଼ ଦେବା

39. 'ହୀରାକୁଦ' କେଉଁ ସମାସ ନିର୍ଣ୍ଣୟ କର ।

A. ଅବିଗ୍ରହ ନିତ୍ୟ ସମାସ

B. ଅସ୍ୱପଦ ନିତ୍ୟ ସମାସ

C. ଅବ୍ୟୟୀଭାବ ସମାସ

D. ବହୁବ୍ରୀହି ସମାସ

Answer-A

40. ' ମାଟି' କେଉଁ ଶବ୍ଦ ଚିହ୍ନାଅ ।

A. ତତ୍ସମ୍‌

B. ତଦ୍‌ଭବ

C. ଦେଶଜ

D. ବୈଦେଶିକ

Answer-B

41. ଅମରକଣ୍ଟକରୁ ମିଶିଅଛି ବାହାରି ମହାନଦୀ ସାଗରରେ । ଉକ୍ତ ବାକ୍ୟଟିରେ ଲକ୍ଷଣ ଦୃଷ୍ଟିରୁ କାହାର ଅଭାବ ରହିଛି ସୂଚାଅ ।

A. ଯୋଗ୍ୟତା

B. ଆକାଙ୍କ୍ଷା

C. ଆସତ୍ତି

D. ବିଧେୟ

Answer-C

42. <u>ଶ୍ରୀକୃଷ୍ଣ ଦ୍ୱାରା</u> ପୁତନା ହତ୍ୟା ହେଲା । ରେଖାଙ୍କିତ ପଦଟିରେ ତୃତୀୟା ବିଭକ୍ତି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ସୂଚାଅ ।

A. ହେତୁଅର୍ଥରେ

B. କ୍ରିୟାବିଶେଷଣରେ

C. କର୍ମବାଚ୍ୟରେ

D. କରଣ କାରକରେ

Answer-C

43. **'ଅପାଳକ ରାଇଜକୁ ବିଜୁଳି ଲକ୍ଷେ ଟଙ୍କା' । ଉକ୍ତ ରୂଢିଟିର ଉପଯୁକ୍ତ ଅର୍ଥ ନିର୍ଣ୍ଣୟ କର ।**

A. ଅସହାୟର ସହାୟ

B. ମୁର୍ଖକୁ ଜ୍ଞାନ ଦେବା

C. ବହୁତ ପ୍ରାପ୍ତିରେ କମ ଆନନ୍ଦ

D. ସଂପୂର୍ଣ୍ଣ ଅଭାବରେ ସାମାନ୍ୟର ସୂଚନା ଅତି ମୂଲ୍ୟବାନ

Answer-D

44. **ଏପରି ଲୋକ କେହିନାହିଁ ଯେ, ମିଛ କହି ଧରା ନ ପଡିବ । ରେଖାଙ୍କିତ ସର୍ବନାମ ପଦଟି କେଉଁ ଶ୍ରେଣୀର ସ୍ଥିର କର ।**

A. ନିର୍ଣ୍ଣାୟକ

B. ସମୁଚୟୀ

C. ନିର୍ଦ୍ଦେଶାତ୍ମକ

D. ଆପେକ୍ଷିକ

Answer-B

45. **ରାକେଶବାବୁଙ୍କ ପୁଅ ପାଠ ପଢିବାକୁ <u>ପଛାଉଛି</u> । ରେଖାଙ୍କିତ ପଦଟି କେଉଁ କ୍ରିୟା ସୂଚାଅ ।**

A. ପ୍ରେରଣାର୍ଥକ କ୍ରିୟା

B. ନାମଧାତୁ କ୍ରିୟା

C. ଅସମାପିକା କ୍ରିୟା

D. ଅକର୍ମକ କ୍ରିୟା

Answer-B

46. **' କଥାମୃତ' କେଉଁ ସମାସ ଚିହ୍ନାଅ ।**

A. ଉପମିତ କର୍ମଧାରୟ

